୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.147 Bhubaneswar Tuesday July 16 2024 | ୨୬ତମ ବର୍ଷ ସଂଖ୍ୟା-୧୪୭ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଏବେ ମିଳିଲେ ଡିଏସ କୁଟ୍‌ଟେ: ନିଲମ୍ବନ ହଟିଲା, ଜାରି ରହିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଗୃହ ବିଭାଗର ଓଏସଡି ନିଯୁକ୍ତ

ଭୁବନେଶ୍ୱର,୧୫।୭(ପି.ଏନ): ବିଜେଡିର ପାୱାରଫୁଲ ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କ ଉପରୁ ନିଲମ୍ବନକୁ ଆଜି ରାଜ୍ୟ ସରକାର ପ୍ରତ୍ୟାହାର କରିଛନ୍ତି । ଏହାସହିତ ତାଙ୍କୁ ଗୃହ ବିଭାଗର ଓଏସଡି ଭାବେ ଅବସ୍ଥାପିତ କରିଛନ୍ତି । ସାଧାରଣ ନିର୍ବାଚନବେଳେ ବିଜେଡି ପାଇଁ କାର୍ଯ୍ୟ କରିବା ଅଭିଯୋଗରେ ଶ୍ରୀ କୁଟ୍‌ଟେଙ୍କୁ ସରକାରୀ କାର୍ଯ୍ୟରୁ ନିର୍ବାଚନ କମିଶନ ନିଲମ୍ବିତ କରିବା ସହ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେବେଠୁ କୁଟ୍‌ଟେଙ୍କୁ କେଉଁଠି ବୋଲି ଚର୍ଚ୍ଚା ଲାଗି ରହିଥିବାବେଳେ ଆଜି ରାଜ୍ୟ ସରକାର ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି ଓ ମାତ୍ର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି ।ଗୃହ ବିଭାଗ ପକ୍ଷରୁ ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୧୯୯୭ ବ୍ୟାଚ୍ ଆଇପିଏସ୍ ଶ୍ରୀ କୁଟ୍‌ଟେଙ୍କ ଉପରୁ ନିଲମ୍ବନକୁ ସର୍ତ୍ତମୂଳକ ଭାବେ ହଟାଇବା ପାଇ ନିର୍ବାଚନ କମିଶନ ଗତ ଜୁନ୍ ୬ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ମେ’ ୨୮ତାରିଖ ନିର୍ଦ୍ଦେଶରେ ତାଙ୍କ ବିରୁଦ୍ଧରେ ଆଇନତଃ ଆବଶ୍ୟକତା ଅନୁସାରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ପରାମର୍ଶ ଦେଇଥିଲେ



।ନିର୍ବାଚନ କମିଶନଙ୍କ ମେ’ ୨୮ତାରିଖର ନିର୍ଦ୍ଦେଶ ଓ ଜୁନ୍ ୬ତାରିଖର ସୁପାରିଶକୁ ଆଧାର କରି ଆଜି ତତ୍କାଳ ପ୍ରଭାବରୁ ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି । ତେବେ ତାଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିବ ବୋଲି ଗୃହ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହାସହିତ ତାଙ୍କୁ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତି ମିଳିଛି । ଶ୍ରୀ କୁଟ୍‌ଟେ କେଉଁଠି ଅଛନ୍ତି ସେନେଇ ରାଜ୍ୟ ସରକାରଙ୍କ ପାଖରେ କିଛି ଖବର ନଥିବାରୁ ତାଙ୍କୁ ଏହି ନିର୍ଦ୍ଦେଶ ସମ୍ପର୍କରେ ଅବଗତ କରିବା ପାଇଁ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର କାର୍ଯ୍ୟାଳୟକୁ ତାଗିଦ୍ କରାଯାଇଛି । ଗୃହ ବିଭାଗ ଆଜି ଡିଏସ କୁଟ୍‌ଟେଙ୍କ ସଂକ୍ରାନ୍ତୀୟ ଏହି ନିର୍ଦ୍ଦେଶନାମାର ୩ଟି କପି ଆବାସିକ କମିଶନରଙ୍କ ନିକଟକୁ ପଠାଇଛି । ସେଥିରୁ ଗୋଟିଏ କପି ଶ୍ରୀ କୁଟ୍‌ଟେଙ୍କୁ ପ୍ରଦାନ କରିବେ, ଅନ୍ୟ ଗୋଟିଏ କପିରେ ଡିଏସ କୁଟ୍‌ଟେଙ୍କ ପ୍ରାପ୍ତିସ୍ୱୀକାର ଥାଇ ଗୃହ ବିଭାଗକୁ ରେକର୍ଡ ନିମନ୍ତେ ଫେରସ୍ତ କରାଇବେ ଓ ଅନ୍ୟ କପିକୁ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଉଲ୍ଲେଖଯୋଗ୍ୟ, ଶ୍ରୀ କୁଟ୍‌ଟେଙ୍କୁ ମେ’ ୨୮ତାରିଖରେ ନିର୍ବାଚନ କମିଶନ ନିଲମ୍ବନ କରିବା ସହ ତାଙ୍କୁ ତୁରନ୍ତ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ କୁଟ୍‌ଟେ ମେ’ ୨୯ତାରିଖରେ ଆବାସିକ କମିଶନଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ ମଧ୍ୟ ନିଜର ଖାସ୍ ଅନୁଗତ ଆବାସିକ କମିଶନର ରବିକାନ୍ତଙ୍କୁ ପ୍ରଭାବିତ କରି ସ୍ୱାସ୍ଥ୍ୟଗତ ବାହାନା ଦେଖାଇ ୧୦ଦିନ ଛୁଟିରେ ପଳାଇଥିଲେ । ଆଉ ପରବର୍ତ୍ତୀ ସମୟରେ ନିଜର ଛୁଟି ବ?ାଇ ଚାଲିଥିଲେ । ଏପରିକି ଜୁନ୍ ୬ତାରିଖରେ ନିର୍ବାଚନ କମିଶନ ତାଙ୍କ ନିଲମ୍ବନ ପ୍ରତ୍ୟାହାର ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିବା ସହ ପରବର୍ତ୍ତୀ ନିଯୁକ୍ତି ପାଇଁ ମୁଖ୍ୟ ସଚିବଙ୍କ ନିକଟରେ ରିପୋର୍ଟ କରିବାକୁ ତାଙ୍କୁ କହିଥିଲେ । ମାତ୍ର ଶ୍ରୀ କୁଟ୍‌ଟେ ନିଜର ଛୁଟି ବ?ାଇ ଚାଲିଥିବା ଓ କାର୍ଯ୍ୟରେ ଯୋଗ ଦେଉନଥିବାରୁ ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହୋଇପାରିନଥିଲା । ଏ ସଂକ୍ରାନ୍ତରେ ‘ଓଡିଶା ରିପୋର୍ଟର’ରେ ଗତ ୧୨ତାରିଖରେ ‘ଡିଏସ୍ କୁଟ୍‌ଟେ କେଉଁଠି’ ବୋଲି ଖବର ପ୍ରକାଶିତ କରିବା ପରେ ସରକାର ତତ୍ପରତା ଦେଖାଇଥିଲେ । ଆଉ କୁଟ୍‌ଟେଙ୍କ ପ୍ରତି ଅହେତୁକ ଅନୁଗ୍ରହ ଦେଖାଇଥିବା ଯୋଗୁ ଆବାସିକ କମିଶନର ରବିକାନ୍ତଙ୍କୁ ଆଜି ତତ୍କାଳ ପ୍ରଭାବରୁ ହଟାଇ ଦେବା ସହ ତାଙ୍କୁ ମଧ୍ୟ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତି ମିଳିଛି ।

## ସିଂହଦ୍ୱାରରେ ଲାଗିଲା ତିନି ରଥ



ଭୁବନେଶ୍ୱର,୧୫।୭(ପିଏନ):ଜନ୍ମବେଦୀରେ ଲୀଳାଖେଳା ସାରି ବାହୁଡ଼ିଛନ୍ତି ଶ୍ରୀଜିଉ। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରେ ପହଞ୍ଚିଯାଇଛନ୍ତି। ସିଂହଦ୍ୱାରରେ ରଥାରୂ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ବଡଦାଣ୍ଡରେ ପ୍ରବଳ ଭିଡ ଜମିଛି। ବୁଧବାର ଜଗତଜନଙ୍କୁ ସୁନାବେଶରେ ଦର୍ଶନ ଦେବେ ଶ୍ରୀଜିଉ ।ଶରଧାବାଲିରୁ ସିଂହଦ୍ୱାର-ରାତି ପାହୁ ପାହୁ ଆଜି ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମିଥିଲା। ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନୀରେ ଫାଟି ପଡୁଥିଲା ବଡ଼ଦାଣ୍ଡ। ତାରି ଭିତରେ ନାକଚଣା ଦ୍ୱାରରେ ତିନିଠାକୁରଙ୍କ ଅପେକ୍ଷାରେ ଥିଲା ତିନି ରଥ। ଆଡ଼ପ ମଣ୍ଡପରୁ ସଅଳ ନୀତିକାନ୍ତି ବଢ଼ାଇ ବାହୁଡ଼ିବାକୁ ପ୍ରସ୍ତୁତ ହେଉଥିଲେ କଳା ମୁକୁନ୍ଦ। ଆଉ ଶରଧାବାଲିକୁ ବର୍ଷା ଛୁଇଁଯିବା ପରେ ନିର୍ଦ୍ଧାରିତ ସମୟର ଢେର ଆଗରୁ ଆରମ୍ଭ ହୋଇଥିଲା ପହଣ୍ଡି। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ପରେ ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ପୁଷ୍ପବୃଷ୍ଟି ସମ ଝିପିଝିପି ବର୍ଷାରେ ଟାହିଆ ହଲେଇ ହଲି ଝୁଲି ନନ୍ଦିଘୋଷ ରଥକୁ ଆସିଥିଲେ କାଳିଆଠାକୁର। ଅନ୍ୟ ରୀତିନୀତି ପରେ ଶ୍ରୀନଅରରୁ ଆସି ଶରଧାବାଲିରେ ପହଞ୍ଚିଥିଲେ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆରମ୍ଭ ହୋଇଥିଲା ଛେରାପହଁରା। ଏହାପରେ ପହଞ୍ଚି ଯାଇଥିଲା ସେଇ ମହାର୍ଘ ମୁହୂର୍ତ୍ତ। ଦିନ ପ୍ରାୟ ସାଢେ ୩ଟାରେ ପ୍ରଥମେ ଘର୍ଘର ନାଦରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗଡ଼ିବା କ୍ଷଣି ଭକ୍ତିରେ ଉଛୁଳି ଉଠିଥିଲା ପରିବେଶ।

## ପିସିସି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର,୧୫।୭(ପି.ଏନ): ଇତି ମଧ୍ୟରେ ବିଜେପି ସରକାର ଗଠନ କରିବାର ଏକମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ନିର୍ବାଚନ ସମୟରେ ରାଜ୍ୟ ବାସୀଙ୍କୁ ଦିଆଯାଇଥିବା ଅନେକ ପ୍ରତିଶ୍ରୁତିରୁ କାଣିଚାଏଁ ମଧ୍ୟ କାର୍ଯ୍ୟକାରୀ କରାଯାଇ ନାହିଁ। ବରଂ ଅନେକ ବିଷୟରେ ରାଜ୍ୟ ସରକାର ବିବାଦ ଘେରରେ ଛନ୍ଦି ହୋଇ ଯାଇଛନ୍ତି। ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ପ୍ରଦେଶ କଂଗ୍ରେସର ସଭାପତି ଶ୍ରୀ ଶରତ ପଟ୍ଟନାୟକ ଆଜି ଦିନ ୧୨ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ଆଭିମୁଖ୍ୟ ରଖିବେ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ସୂଚୀତ କରାଯାଇଅଛି।




## ସୁନ୍ଦରଗଡରେ ଡବଲ ମର୍ଡର; ତ୍ରିକୋଣୀୟ ପ୍ରେମ ସନ୍ଦେହ, ପୋଲିସର ତଦନ୍ତ ଜାରି

ସୁନ୍ଦରଗଡ,୧୫।୭(ପି.ଏନ): ସୁନ୍ଦରଗଡ କୁତ୍ରାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ସୂଚନାରୁ ପ୍ରକାଶ ତୁନମରା ପଂଚାୟତ କାଶୀପଡାରେ ଏକ ହତ୍ୟାକାଣ୍ଡ ହୋଇଥିବା ଜଣାପଡିଛି । ଡ୍ରାଇଭରଙ୍କ ଛୁରା ମାଡରେ ଯୁବକ ଯୁବତୀଙ୍କ ମୃତ୍ୟୁ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତ?ଜନା ଦେଖାଦେଇଛି । ମୃତ ଯୁବକ ଜଣଙ୍କ ହେଉଛନ୍ତି ରାଜଗାଙ୍ଗପୁର ରୁମାବାହାଲର ପ୍ରତାପ ଲାକ୍ରା ଏବଂ ମୃତ ଯୁବତୀ ହେଉଛନ୍ତି କାଶୀପଡା ଗାଁର ଲିପ୍ସା କେର୍କେଟା । ଛୁରାମାଡ କରିଥିବା ଯୁବକ ଫେରାର ଥିବା ବେଳେ କୁତ୍ରା ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ଉଦ୍ଧବଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି ଜ୍ୟୋତିର୍ମଠର ଶଙ୍କରାଚାର୍ଯ୍ୟ

ଭୁବନେଶ୍ୱର,୧୫।୭(ପି.ଏନ): ଶିବସେନା(ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକରେଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି ଜୋତିର୍ମଠର ୪୬ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତ?ଶ୍ୱରାନନ୍ଦ। ଉଦ୍ଧବ ଯେଉଁ ପର୍ଯ୍ୟନ୍ତ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହୋଇନାହାନ୍ତି, ସେ ଯାଏ ତାଙ୍କ ଯନ୍ତ୍ରଣା ଲାଘବ ହେବ ନାହିଁ ବୋଲି ମଧ୍ୟ ଶଙ୍କରାଚାର୍ଯ୍ୟ କହିଛନ୍ତି।

## ପୁଣି ଚର୍ଚ୍ଚାରେ ରାଜ୍ୟ ସମବାୟ ବ୍ୟାଙ୍କ: ୬କୋଟି ଟଙ୍କାରୁ ଅଧିକ ଖିଲାପୀ ଥାଇ କେମିତି ହେଲେ ସଭାପତି, ଖୋଳତାଡ ଆରମ୍ଭ

ଭୁବନେଶ୍ୱର,୧୫।୭(ପି.ଏନ): କିଛିଦିନର ବ୍ୟବଧାନ ପରେ ଦୁର୍ନୀତି ଓ ଅନୟମିତତା ଅଭିଯୋଗକୁ ନେଇ ପୁଣିଥରେ ଚର୍ଚ୍ଚାକୁ ଆସିଛି ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ । ଗତବର୍ଷକ ମଧ୍ୟରେ ମାଳମାଳ ଅଭିଯୋଗ ଆସିବା ଓ ମୁଖ୍ୟ ସଚିବଙ୍କୁ ନାବାର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ମାଗିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି । ରାଜ୍ୟ ସମବାୟ ବିଭାଗ ୩ଜଣିଆ କମିଟି ଗଠନ କରି ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସସିବି) ସଭାପତି ଓ ପରିଚାଳନା ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଥିବା ପୁଳାପୁଳା ଅଭିଯୋଗର ତଦନ୍ତ କରିବା ପରେ ଅନେକ ଚାଂଚଲ୍ୟକର ତଥ୍ୟ ପଦାକୁ ଆସିବାରେ ଲାଗିଛି । ଏହି କମିଟି ଇତିମଧ୍ୟରେ ତାଙ୍କର ତଦନ୍ତ ରିପୋର୍ଟ ନୂଆ ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ଓଡିଶା ସମବାୟ ଆଇନ-୧୯୬୨କୁ ଉଲ୍ଲଙ୍ଘନ କରି ପ୍ରାୟ ୬କୋଟି ଟଙ୍କାର ଏକ ଖିଲାପୀ ସମବାୟ ସଂସ୍ଥାର ପ୍ରତିନିଧି କିଭଳି ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା କମିଟିକୁ ନିର୍ବାଚିତ ହେଲେ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି ।ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସମବାୟ ବ୍ୟାଙ୍କରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଏବଂ ବ୍ୟାଙ୍କର ପରିଚାଳନା କମିଟିର ସଦସ୍ୟ ଓ ସଭାପତି ଭାବେ ଟିପି.ଆର ଦୋରା




ବେଆଇନ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ଉପରେ ନାବାର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ମାଗିବା ପରେ ରାଜ୍ୟ ସରକାର ଖୋଳତାଡ ଆରମ୍ଭ କରିଛନ୍ତି । ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସମବାୟ ବିଭାଗ ଗତ ମେ’ ୨୧ତାରିଖରେ ୩ଜଣିଆ କମିଟି ଗଠନ କରି ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କହିଥିଲେ । ଏହାସହିତ ଉକ୍ତ ଅଭିଯୋଗର ତଦନ୍ତ ପାଇଁ ସରକାର ଏପ୍ରିଲ ୨୯ତାରିଖରେ ସମବାୟ ରେଜିଷ୍ଟ୍ରାରଙ୍କୁ ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ ରଦ୍ଦ କରିଦେଇଥିଲେ । ତେବେ ସମବାୟ ବିଭାଗର ଯୁଗ୍ମ ସଚିବ, ଯୁଗ୍ମ ସମବାୟ ରେଜିଷ୍ଟ୍ରାର ଓ ସମବାୟ ସୋସାଇଟିର ଯୁଗ୍ମ ଅଡିଟର ଜେନେରାଲଙ୍କୁ ନେଇ ଗଠିତ ୩ଜଣିଆ କମିଟି ଇତିମଧ୍ୟରେ ତାଙ୍କର ରିପୋର୍ଟ ରାଜ୍ୟର ନବଗଠିତ ବିଜେପି ସରକାରଙ୍କୁ ପ୍ରଦାନ କରିଥିବା ଜଣାପଡିଛି ।ସୂତ୍ର ଅନୁସାରେ,ରାଜ୍ୟ ସମବାୟ ଆଇନ-୧୯୬୨ର ଧାରା ୨୮-୩(କ) ଓ ୩(କକ) ପ୍ରାବଧାନ ଆଧାରରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଦସ୍ୟ ଓ ସଭାପତି ହେବା ପାଇଁ ଶ୍ରୀ ଦୋରା ଯୋଗ୍ୟ ନୁହଁନ୍ତି । ଶ୍ରୀ ଦୋରା ଭୁବନେଶ୍ୱର ଟାଉନ ଡେଭଲପମେଂଟ ହାଉସିଂ କୋଅପରେଟିଭ ସୋସାଇଟି ଲିମିଟେଡର ସଭାପତି ଭାବେ ଗତବର୍ଷ ମାର୍ଚ୍ଚ ମାସରେ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା କମିଟିକୁ ନିର୍ବାଚିତ ହୋଇଥିଲେ । ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଶ୍ରୀ ଦୋରା ଏହି ପଦବୀରେ ଅଧିଷ୍ଠିତ ହୋଇଥିଲେ । ସେତେବେଳେ ରାଜ୍ୟ ବିଜେପି ସମବାୟ ସେଲ୍ ଏହି ନିଯୁକ୍ତିକୁ ବେଆଇନ ଦର୍ଶାଇ ଓଡିଶା ସମବାୟ ରେଜିଷ୍ଟ୍ରାରଙ୍କ ଦ୍ୱାରସ୍ଥ ହୋଇଥିଲା।

## ରାଜ୍ୟ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣୀ

ଭୁବନେଶ୍ୱର,୧୫।୭(ପି.ଏନ): ଭାରତୀୟ ଜନତା ପାର୍ଟି ପ୍ରଥମ ଥର ପାଇଁ ଓଡିଶାରେ ଏକାକୀ ସରକାର ଗଠନ କରିଛି । ଲୋକଙ୍କ ସୁଖ ଦୁଃଖରେ ଭାଗୀ ହେବା ପାଇଁ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ । ଏନେଇ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଶ୍ରୀ ମୋହନ ଚରଣ ମାଝି ଜନଶୁଣାଣି ଆରମ୍ଭ କରିଛନ୍ତି । ସେହିପରି ରାଜ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତା ଓ ସାଧାରଣଙ୍କ ଜନତାଙ୍କ ଉଦ୍ଦେଶ୍ୟରେ ଆଜିଠାରୁ ପ୍ରତି ସୋମବାର ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି । ଏଥିରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଏବଂ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସଂସଦୀୟ ବ୍ୟାପର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଲୋକଙ୍କ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ଏସବୁ ଅଭିଯୋଗର ତ୍ୱରିତ ସମାଧନ



ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସଭାପତି ମନମୋହନ ସାମଲ ସ୍ୱାଗତ କରିଛନ୍ତି । ପ୍ରତି ସୋମବାର ଦୁଇଜଣ ମନ୍ତ୍ରୀ ଯୋଗ ଦେଇ ଲୋକଙ୍କ ସମସ୍ୟା ସମାଧାନ କରିବେ । ଏଥିରେ ଦଳୀୟ କାର୍ଯ୍ୟକର୍ତାଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଓ ଶୁଭେଚ୍ଛୁମାନେ ସାମିଲ ହୋଇପାରିବେ । ଏହା ଦ୍ୱାରା ବିଜେପି ଲୋକଙ୍କ ଅଧିକ ନିକଟତର ହୋଇପାରିବ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି ।ଶ୍ରୀ ସାମଲ କହିଛନ୍ତି, ଅଭିଯୋଗ ଶୁଣାଣି କାର୍ଯ୍ୟକମ ପ୍ରଥମେ ବିଜେପି ଆରମ୍ଭ କରିଥିଲା । ଲୋକଙ୍କ ସମସ୍ୟା ଶୁଣିବା, ସେମାନଙ୍କ ସମସ୍ୟା ସହ ନିଜକୁ ଜଡିତ କରି ସମାଧାନ ରାସ୍ତା ବାହାର କରିବା ହେଉଛି ଜନସଂଘରୁ ବିଜେପି ପର୍ଯ୍ୟନ୍ତ ଯାତ୍ରାର ଏକ ପ୍ରମୁଖ କାର୍ଯ୍ୟକ୍ରମ । ପରବର୍ତୀ ସମୟରେ ଅନ୍ୟମାନେ ଏହି ପ୍ରକ୍ରିୟାକୁ ଅନୁସରଣ କରିଛନ୍ତି ।ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଓଡିଶାରେ ବିଜେପି ସରକାର ଗଠନ କରିବା ପରେ ପାର୍ଟିରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି । ଲୋକଙ୍କ ସମସ୍ୟା ହେଉଛି ସରକାରଙ୍କ ସମସ୍ୟା । ଏହାର ସମାଧାନ କରିବା ହେଉଛି ବିଜେପି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ।

## ଗଜପତିରେ ଆଦିବାସୀଙ୍କୁ ଋଣ କରେଇ ଦେବା ନାମରେ ଠକେଇ

ପାରଳାଖେମୁଣ୍ଡି,୧୫।୭(ପି.ଏନ): ଗଜପତି ଜିଲ୍ଲାରେ ଆଦିବାସୀ ମାନଙ୍କ ସରଳତାର ସୁଯୋଗ ନେଇ ବିଭିନ୍ନ ଋଣ କରେଇ ଦେବା ନାମରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଠକଙ୍କ ବିରୋଧରେ ରା. ଉଦୟଗିରି ଥାନାରେ ୮ ଗୋଟି ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି. ଘଟଣାରୁ ପ୍ରକାଶ, ରା.ଉଦୟଗିରି ଓ ନୂଆଗଡ ବ୍ଲକର ବିଭିନ୍ନ ଅଞ୍ଚଳର ନିରୀହ ଆଦିବାସୀଙ୍କ ଠାରୁ ଠକେଇ ହେଉଥିବା ନେଇ ରା.ଉଦୟଗିରି ଥାନାରେ ଏତଲା ସଂଖ୍ୟା ବଢିବାରେ ଲାଗିଛି। ଗତ ୮ତାରିଖ ନୂଆଗଡ ବ୍ଲକ ପରିମଳ ପଞ୍ଚାୟତ ଲଥର ଗ୍ରାମର ୮ଜଣ ଆଦିବାସୀ ମହିଳା ଓ ପୁରୁଷ ରା.ଉଦୟଗିରି ଥାନାରେ ପୁଣି ଲକ୍ଷାଧିକ ଟଙ୍କାର ଠକେଇ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ପରମଣି ରଇତ, ସୁମନାଥ ରଇତ, ସୁରଥ ଦଳବେହେରା, ଜିଶାୟ ରଇତ,



ମିଖାଏଲ ଗମାଙ୍ଗ, ଆରତ ଦଳବେହେରା, ଜୋସେଫ ଗମାଙ୍ଗ, ବିଶ୍ୱନାଥ ମଣ୍ଡଳ ପ୍ରମୁଖ ଥାନାରେ ଅଭିଯୋଗ କରିଥିବା ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ପ୍ରଦାନ କରି କହିଛନ୍ତି ଯେ, ପରମଣି ରଇତଙ୍କ ଠାରୁ ବ୍ୟକ୍ତିଗତ ଜମିରେ ଜିଓ ଟାୱାର ବସିଲେ ମାସିକ ୧୦ ହଜାର ଟଙ୍କା ମିଳିବ ବୋଲି ତାଙ୍କ ଠାରୁ ୯୧ହଜାର ଟଙ୍କାଠକି ନେଇଛନ୍ତି ଅଭିଯୁକ୍ତ ସେହିଭଳି ଗୁହାଳ ପାଇଁ ସରକାର ଦେଢଲକ୍ଷ ଦେବେ ବୋଲି ପ୍ରତ୍ୟେକଙ୍କ ଠାରୁ ୭ହଜାର ଠକି ନେଇଛନ୍ତି। ଝିଅ ବାହାଘର ପାଇଁ ୫ଲକ୍ଷ ଟଙ୍କା ଋଣ କରାଇଦେବା ବାବଦକୁ ୪୦ହଜାର ଟଙ୍କା ମଧ୍ୟ ଠକି ନେଇଛନ୍ତି। ଯୋଶେଫ ଗମାଙ୍ଗ ଗୁହାଳ ପାଇଁ ସରକାରୀ ତାଲିକାରେ ଯୋଗ୍ୟ ଥାଇ ମଧ୍ୟ ଠକ ହାବୁଡ଼ରେ ପଡିଛନ୍ତି । ପ୍ରେମିକା ଗମାଙ୍ଗଙ୍କ ଠାରୁ ମଧ୍ୟ ଗୁହାଳ ପାଇଁ ଠକି ନେଇଛନ୍ତି ୭ହଜାର ଟଙ୍କାକ୍ଷ ୩ବର୍ଷ ହେଲାଣି ଏଭଳି ଠକେଇ କରି ଆଦିବାସୀଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କୁ ଟଙ୍କା ମାଗିବା ପାଇଁ ଗଲେ ବିଭିନ୍ନ ଧମକଚମକ ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି । ଲଥର ଗ୍ରାମର ପରମଣି ରଇତ ଟଙ୍କା ଦେବା ସମୟରେ ପ୍ରମାଣ ପାଇଁ ଠକ ସହ ଏକ ଫଟୋ ମଧ୍ୟ ଉଠାଇଥିଲେ । ଯାହା ପୁଲିସକୁ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଜୁନ ୨୮ତାରିଖ ଦିନ ପ୍ରକଳ୍ପ କରାଇ ଦେବା ନାମରେ ଆଦିବାସୀଙ୍କ ଠାରୁ ଲକ୍ଷାଧିକ ଠକେଇ ଅଭିଯୋଗ କରି ଛେଳିଗଡର ସମ୍ପଦ କୁମାର ନାୟକଙ୍କ ସମେତ ଏକାଧିକ ବ୍ୟକ୍ତି ରା.ଉଦୟଗିରି ଥାନାରେ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପାଇ ପୁଲିସ ଅଭିଯୁକ୍ତ କାଳୀପ୍ରସାଦ ପ୍ରଧାନ ବିରୋଧରେ କେସ ନମ୍ବର ୧୦୨/୨୪ରେ ଆଇପିସି ଦଫା ୪୨୦, ୨୯୪, ୫୦୬, ୩୨୩ ଓ ଆଦିବାସୀଙ୍କୁ ଜାତିଆଣ ଆକ୍ଷେପ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ କାଳୀପ୍ରସାଦ ପ୍ରଧାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରିବା ସହ ତୁରନ୍ତ ସମସ୍ତ ଟଙ୍କା ଫେରସ୍ତ ପାଇଁ ଠକେଇର ଶିକାର ହୋଇଥିବା ସମସ୍ତ ପୀଡିତ ଏବେ ପ୍ରଶାସନକୁ ଗୁହାରି କରିଛନ୍ତି ।

## ରତ୍ନଭଣ୍ଡାର ଖୋଲିବା ସହ ଆହୁରି ଘନେଇଲା ଚାବି ବିବାଦ

ଭୁବନେଶ୍ୱର,୧୫।୭(ପି.ଏନ): ଭିତର ରତ୍ନଭଣ୍ଡାରର ୩ଟି ତାଲାରୁ ୨ଟିରେ କାହିଁକି ନଥିଲା ଜଉମୁଦ ଆପେ ଖସିଯାଇଥିଲା ନା କେବେ କିଏ ଖୋଲିବାକୁ ଚେଷ୍ଟା କରିଥିଲା ? କାହିଁକି ଡୁପ୍ଲିକେଟ୍ ଚାବିରେ ଖୋଲିଲାନି କୌଣସି ଗୋଟିଏ ବି ତାଲା ଟ୍ରେଜେରିରୁ ଅଣାଯାଇଥିବା ଚାବି ବାସ୍ତବରେ ଡୁପ୍ଲିକେଟ୍ ଚାବି ନଥିଲା କି ନା ଅସଲି ତାଲାକୁ ପୂର୍ବରୁ କେବେ ବଦଳାଇ ଅନ୍ୟ ତାଲା ପକାଯାଇଛି ? ଗତକାଲି ତାଲା ଭାଙ୍ଗି ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ, ସାମ୍ନାକୁ ଆସୁଛି ଏଭଳି ଅନେକ ପ୍ରଶ୍ନ।୨୦୧୮ରେ ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ବହୁ ବାଦବିବାଦର ସାମ୍ନା କରିଥିଲେ ତତ୍କାଳୀନ ବିଜେଡି ସରକାର। ଏହାପରେ ଅତି ରହସ୍ୟଜନକ ଭାବେ ପ୍ରଘଟ କରାଯାଇଥିଲା ପୁରୀ ଜିଲ୍ଲା ଟ୍ରେଜେରୀ ଅଫିସରୁ ଡୁପ୍ଲିକେଟ୍ ଚାବି ମିଳିବା କଥା। ତେଣୁ ସନ୍ଦେହ ଉପୁଜୁଛି ଯେ, ଏହା ବାସ୍ତବରେ ଡୁପ୍ଲିକେଟ୍ ଚାବି ଥିଲା ତ ଯଦି ହଁ, ତେବେ ଗୋଟିଏ ବି ତାଲା ଖୋଲିଲାନି କାହିଁକି ? ନା ବିବାଦରୁ ବର୍ତ୍ତିବା ପାଇଁ ପୂର୍ବ ସରକାରରେ ମିଛ କୁହାଯାଇଥିଲା ? ଏ ବାବଦରେ ନିଶ୍ଚିତ ତଦନ୍ତ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ସେହି ଚାବି କଥା କିଏ କହିଥିଲେ, କାହିଁକି କହିଥିଲେ, ନା କିଏ କୁହାଇଥିଲେ- ତାର ତର୍ଜମା ହେବ। ଗତ ସରକାରରେ କାହିଁକି ମିଥ୍ୟା କୁହାଯାଇଥିଲା, ତାର ବି ତଦନ୍ତ କରାଯିବ। ୨ଟି ତାଲାରେ ଜଉମୁଦ ନଥିବା ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ, ଟାମ୍ପରିଂ ହୋଇ ନଥିବ ବୋଲି ଆଶା କରାଯାଉଛି। ଗଣତି ମଣତି ପରେ ସ୍ପଷ୍ଟ ଚିତ୍ର ମିଳିପାରିବ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା ।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମ ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢ଼ିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’ । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସେବନ ଏବେ ୧୨କୋଟିରୁ ଉର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୭୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦାନ ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ। ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି। ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ। ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଗୋଟାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କର କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ଏ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସର୍ଗରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦ୍‌ରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତରାଷ୍ଟ୍ରୀୟ ଗବେଷଣା (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପରାକ୍ରାନ୍ତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସର ଶିକାର ହୋଇଥାଆନ୍ତି। ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ଼ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେଧ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାପ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି– ***"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"***

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କିୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ। ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି। ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧ କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪)। ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡସ୍କ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ

ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ୍ୟ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ୍ୟ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକର ଅଗ୍ରଣୀ ସଙ୍ଗଠନ ପ୍ରଗତିଶୀଳ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଆଦିତ୍ୟ ମାହୁନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. କାମଦେବ ଶତପଥୀ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ , ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମାନସ ରନ ଜେନା ଓ ମାନସ ରଂଜନ ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଉପଦେଷ୍ଟା ଦେବବ୍ରତ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ସାମାଜିକ କର୍ମୀ ନିରନ ଖିଲାର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଲେଖକ ଧ୍ରୁବ ଚରଣ ବିଶ୍ୱାଳ, ସାମ୍ବାଦିକ ଅଖିଳ ସ୍ୱାଇଁ, ସାମାଜିକକର୍ମୀ ମକରଧ୍ୱଜ ଦାସ ଓ ମିହିର ଖୁଂଟିଆଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହ ସମ୍ପାଦକ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅ'ର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟ'ୀ ସଭାରେ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପୈତୃକ ଗୃହର ସଂରକ୍ଷଣ ଏବଂ ସଂଗ୍ରହାଳୟ ନିର୍ମାଣ କରାଯିବା ସହିତ ଜନ୍ମ ପୀଠ ସୁଆଣ୍ଡୋ କୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିବାରୁ ଶ୍ରୀ ଲାବଣ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଭରତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟ'ୀ ସଭାରେ ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସାହୁ, ସୁଶା' ସାହୁ, ରଜତ ସାହୁ, ଶ୍ରୀକାନ୍ତ ବାରିକ , ସୁବ୍ରତ କୁମାର ଜେନା, ଅସିତ କୁମାର ଜେନା, କପିଳେନ୍ଦ୍ର ସେଠୀ, ଧିରେନ୍ଦ୍ର ଦାସ, ସୁଶା' ସାହୁ, ସରୋଜ ପଲେଇ ପ୍ରମୁଖ ବହୁ ଯୁବ ନେତା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୁବନେତା କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଜାରକାସ୍ଥିତ ଗୋପବନ୍ଧୁ ଛକ ପ୍ରତିମୂର୍ତୀ ନିକଟରେ ଗୋପବନ୍ଧୁଙ୍କ ଜୟ'ୀ ପାଳିତ ହୋଇଯାଇଛି । ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କିଶାନ ପଣ୍ଡାଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ସଭାରେ ସମର୍ଥ ସଭାପତି କାହ୍ନୁ ଚରଣ ଦାଶ, କୃଷକ ନେତା ବଟକୃଷ୍ଣ ପରିଡା, ଶିକ୍ଷକନେତା ଯୁଧୀଷ୍ଠିର ସ୍ୱାଇଁ, ଅଧ୍ୟାପକ ପ୍ରଶା' କୁମାର ସାହୁ, ଗାନ୍ଧିବାଦୀ ନେତା ଲକ୍ଷ୍ମୀଧର ନାୟକ, ପୁର୍ବତନ ସମିତିସଭ୍ୟ ନରୋତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନା ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରମେଶ ରାଉତ, ଅଶହାୟ ବନ୍ଧୁ ପରିବାର ପକ୍ଷରୁ ସଭାପତି କିଶୋର ସାହୁ, ସମ୍ପାଦକ ଗଣେଶ୍ୱର ନାୟକ, କୋଷାଧ୍ୟକ୍ଷ ପୀତବାସ ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ତପନ ସାହୁ, ଅଜୟ ସେଠୀ, କୈଳାସ ମହାି, ନାରାୟଣ ପଣ୍ଡା,କପିଳେଶ୍ୱର ରଣା ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକରିବା ସହ ଚମ୍ପାଚାରା ରୋପଣ କରିଥିଲେ । ସଦସ୍ୟ ଦେବାଶିଷ ପରିଡା ଧନ୍ୟବାଦ ଦେଇଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସେବାସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବାସଙ୍ଘ ମିଳିତ ଆନୁକୁଲ୍ୟରେ ଜାରକାସ୍ଥିତ ସିଭିକ୍ ସେଂଟର ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ଋତୁପୁର୍ଣ୍ଣା ଓ ସମ୍ପୁର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମାଧୁରୀ ଶତପଥୀ, ମିନତୀ ସାହୁ ଓ ତପନ କିଶୋର ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ବଳଦେବଜିୟୁ ହାଇସ୍କୁଲର ଛାତ୍ରୀ ସାଇସୁଲଗ୍ନା ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଲେଖନୀ' ପତ୍ରିକା ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଅମୃତ ତଟିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରଶଂସା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସହ-ସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଜୁଲାଇ ୧୬

# ଖାଦ୍ୟାଭାବ ଏବଂ ଖାଦ୍ୟର ଅପଚୟ



ଗୋପାଳ ମହାପାତ୍ର

ଭାରତୀୟ ସଂସ୍କୃତିରେ "ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟା:" କହି ସମସ୍ତ ଜୀବ ଜଗତର କଲ୍ୟାଣର କଥା କୁହାଯାଇଥାଏ। ଅନ୍ୟପକ୍ଷରେ "ବସୁଧୈବ କୁଟୁମ୍ବକମ୍" କଥା କହି ସଂପୂର୍ଣ୍ଣ ବସୁଧାକୁ ଏକ ପରିବାର ଭାବରେ ସ୍ୱୀକାର କରାଯାଇଛି। ତାତ୍ପର୍ଯ୍ୟ ହେଉଛି ଆମ ସଂସ୍କୃତିରେ ଏକାକୀ ସ୍ଥାନରେ ସକଳ ବା ସମସ୍ତଙ୍କୁ ଆମ ସହ ସାମିଲ କରାଯିବା କଥା କୁହାଯାଉଛି। ଆମ ପୂର୍ବଜମାନେ ଆମକୁ ଏକଥାର ମହତ୍ୱ ଶିଖାଇ ଯାଇଛନ୍ତି। ମନୁଷ୍ୟ ତାର ଏଭଳି ଭାବ, ସଂସ୍କାର, ସରଳତା, ଏଭଳି ଆଧ୍ୟାତ୍ମିକ ଗଭୀରତା ଏବଂ ଏଭଳି ସଂସ୍କୃତି ଦୁନିଆର ଅନ୍ୟ କୌଣସି ସମାଜ, ସଂସ୍କୃତି ବା ଧର୍ମରେ ମିଳେ ନାହିଁ। କିନ୍ତୁ ସମସ୍ତ ଜୀବ ଜଗତର କଲ୍ୟାଣ କଥା ଚିନ୍ତା କରୁଥିବା ସମାଜ ଆଦି ସ୍ୱୟଂ ହିଁ ଏତେ ବେପରୁଆ, ଏତେ ଅସହାୟ ଏବଂ ଏତେ ଦାୟୀତ୍ୱହୀନ ହୋଇଯାଇଛି ଯେ ଏଇ ସମାଜରେ ଭୟ, ଭୋକ, (ଅନାହାର-ଅର୍ଦ୍ଧାହାର), ଅଶାନ୍ତି, ପୀଡ଼ା, ସଙ୍କଟ ଏବଂ ସମାଧାନ କଥାକୁ ଏଡ଼େଇ ଚାଲିଛି। ଏକଥା କେମିତି ସମ୍ଭବ ହୋଇପାରିଛି ଯେ ନିଜେ ଖାଇବା ପୂର୍ବରୁ ଅନ୍ୟକୁ ଭୋଜନ କରାଇବା ବାଲା ସମାଜରେ ହିଁ କୋଟି କୋଟି ଲୋକ ଆଜି ବି ଦୁଇବେଳା ପେଟପୁରା ଖାଇବାକୁ ପାଉନାହାଁନ୍ତି। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ୨୦୨୩ର ତଥ୍ୟ ଅନୁସାରେ ୨୮.୭ ନମ୍ବର ସହ ଭାରତର ସ୍ଥାନ ତାଲିକାର ତଳେ ରହିଛି। ରିପୋର୍ଟରେ ଭାରତରେ କ୍ଷୁଧା (ଅନାହାର-ଅର୍ଦ୍ଧାହାର) ସ୍ତର ଗମ୍ଭୀର ବୋଲି କୁହାଯାଇଛି। ହାତଗଣତି ମାତ୍ର କିଛି ଲୋକଙ୍କ ପାଖରେ ଦେଶର ଅଧିକାଂଶ ସମ୍ପଦ ରହିଛି।

ନିକଟରେ ଜାତିସଂଘ ପକ୍ଷରୁ ଭୋଜନ ସହ ଜଡ଼ଇତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇଛି। ଗୋଟିଏ ରିପୋର୍ଟ ଭୋଜନ ବା ଖାଦ୍ୟର ଅପଚୟ ସମ୍ପର୍କରେ ଥିବାବେଳେ ଅନ୍ୟ ରିପୋର୍ଟ ଖାଦ୍ୟାଭାବ ପ୍ରସଙ୍ଗରେ ରହିଛି। ଏମିତି ଦେଖିବାକୁ ଗଲେ ଖାଦ୍ୟର ଅଭାବ ପାଇଁ ଅନେକ କାରଣ ରହିଛି। କିନ୍ତୁ ଖାଦ୍ୟର ଅପଚୟ ବା ନଷ୍ଟ ଏହାର ଏକ ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯଦି ଖାଦ୍ୟର ଅପଚୟକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ପାରିବ ତେବେ ଏହି ସମସ୍ୟର ଭୟାବହତା କିଛି ପରିମାଣରେ କମିଯାଇ ପାରିବ। ଗତ ଏପ୍ରିଲ ମାସର ଶେଷଭାଗରେ ଜାତିସଙ୍ଘ ପକ୍ଷରୁ "ଗ୍ଲୋବାଲ ରିପୋର୍ଟ ଅନ ଫୁଡ କ୍ରାଏସିସ୍" ନାମକ ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱର ୫୯ ଦେଶର ପାଖାପାଖି ୨୮ କୋଟି ଲୋକ ଖାଦ୍ୟାଭାବର ଶୀକାର ହେଉଛନ୍ତି। ଏହି ରିପୋର୍ଟରେ ଅନୁସାରେ ଯୁଦ୍ଧଗ୍ରସ୍ତ ଗାଜାପଟ୍ଟି ଏବଂ ସୁଡାନରେ ଖାଦ୍ୟାଭାବ ଏକ ସଙ୍ଗୀନ ସମସ୍ୟା ଅଟେ। ଗାଜାପଟ୍ଟି ଓ ସୁଡାନରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବିଗିଡ଼ି ଯାଇଥିବାରୁ ୨୦୨୨ ମସିହାରେ ୨.୪ କୋଟି ଲୋକଙ୍କୁ ଖାଦ୍ୟାଭାବ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଖାଦ୍ୟ ସାମଗ୍ରୀର ଅଭାବ କାରଣରୁ ଲୋକଙ୍କୁ ଉପବାସରେ ରହିବାକୁ ପଡ଼ିଥିଲା। ୨୦୧୬ ମସିହାଠାରୁ ଜାତିସଙ୍ଘ ଖାଦ୍ୟାଭାବ ସମ୍ପର୍କରେ ରିପୋର୍ଟ ଜାରି କରିଆସୁଛି ଓ ବିଭିନ୍ନ ଦେଶର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସାରା ବିଶ୍ୱକୁ ଅବଗତ କରାଉଛି। ଜାତିସଙ୍ଘ ପକ୍ଷରୁ ପ୍ରଥମେ ପ୍ରକାଶ ପାଇଥିବା ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ତୁଳନାରେ ଏବେର ଗ୍ଲୋବାଲ ରିପୋର୍ଟ ଅନ୍ ଫୁଡ କ୍ରାଏସିସରେ ଅନାହାର / ଅର୍ଦ୍ଧାହାରରେ ରହୁଥିଲା ଲୋକଙ୍କ ସଖ୍ୟା ୪ଗୁଣ ବୃଦ୍ଧି ପାଇଛି। ଏଥି ସହିତ ଖାଦ୍ୟ ସାମଗ୍ରୀର ଅଭାବରୁ ଭୋକରେ ରହୁଥିବା ଲୋକଙ୍କ ସଂଖ୍ୟା ଅନ୍ୟ ବର୍ଷମାନଙ୍କ ଅପେକ୍ଷା ସର୍ବାଧିକ ଅଟେ। ରିପୋର୍ଟରେ ଯେଉଁ ସବୁ ତଥ୍ୟ ଉପସ୍ଥାପନ କରାଯାଇଛି ତଦନୁସାରେ ଭୋକରେ ବା ଉପବାସ ରହିବାର କାରଣ ଦାରିଦ୍ର୍ୟ ଏବଂ ବେରୋଜଗାର ହୋଇପାରେ। ଏହି କାରଣ ଖାଦ୍ୟର ଅଭାବ ଏବଂ ଭୋକ ସହ ସମ୍ପର୍କୀତ ଭାରତୀୟ ପରିଦୃଷ୍ୟରେ ବିଲକୁଲ ସାର୍ଥକ ଏବଂ ସଠିକ୍ ପ୍ରତୀକ ହୋଇଥାଏ ଖାଦ୍ୟଭାବ ଜନିତ ମୃତ୍ୟୁର ସମସ୍ୟାର ବିଶ୍ଲେଷଣ କରୁଥିବା ସାରା ବିଶ୍ୱର ବିଶେଷଜ୍ଞମାନେ ଖାଦ୍ୟଭାବକୁ ବୁଝିବା ଅଥବା ପରିଭାଷିତ କରିବା ପାଇଁ ଏକ ମାପଦଣ୍ଡ ନିର୍ଦ୍ଧାରିତ କରାଛନ୍ତି। ଜାତିସଙ୍ଘର ଖାଦ୍ୟ ଏବଂ କୃଷି ସଙ୍ଗଠନର ଅର୍ଥଶାସ୍ତ୍ରର ମେକ୍ସିମୋ ଟୋରେରୋ ଏହି ମାନଙ୍କ ମାପଦଣ୍ଡ ପ୍ରସଙ୍ଗରେ କହିଛନ୍ତି ଯେ ୫ଟି ପର୍ଯ୍ୟାୟରେ ସର୍ବେକ୍ଷଣ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଭୋକରେ ପୀଡ଼ିତ ଲୋକଙ୍କୁ ପ ମ ପର୍ଯ୍ୟାୟରେ ରଖାଯାଇଛି ଯେଉଁଥିରେ ଭାରତ ସମେତ ୫ଟି ଦେଶର ୭୦୫୦୦୦ ଲୋକଙ୍କୁ ସାମିଲ କରାଯାଇଛି, ଏମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଅର୍ଥାତ ୫୬୭୦୦୦ ଲୋକେ କେବଳ ଯୁଦ୍ଧଗ୍ରସ୍ତ ଗାଜାପଟ୍ଟିରେ ରହୁଛନ୍ତି। ବିଶ୍ୱର ୧୨୫ଟି ଦେଶ ଭୋକର ତାଲିକା ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ୨୦୨୩ରେ ପ୍ରକାଶ ପାଇଛି। ଏସବୁ ଦେଶରେ ହେଉଥିବା ଖାଦ୍ୟଭାବ ଓ ଖାଦ୍ୟଭାବ ଜନିତ ମୃତ୍ୟୁ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇ ରିପୋର୍ଟରେ ସ୍ଥାନୀତ କରାଯାଇଛି। ଏହି ୧୨୫ଟି ଦେଶର ତାଲିକାରେ ଭାରତ ୧୧୧ତମ ସ୍ଥାନରେ ରହିଛି। ବିଡ଼ମ୍ବନା ହେଉଛି ଆମେ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ବୋଲି ଦାବି କରୁଛେ କିନ୍ତୁ ଆମ ଦେଶର ପରିଚୟ ଏବେ ଖାଦ୍ୟଭାବ ଜନିତ ମୃତ୍ୟୁ ବା ଅନାହାରରେ ରହୁଥିବା ଲୋକଙ୍କ ଦେଶର ତାଲିକାରେ ରହିଛି। ଖାଦ୍ୟ ଅପଚୟ ପ୍ରସଙ୍ଗରେ ଏକ ତଥ୍ୟ ହେଉଛି ଗତ ମାର୍ଚ୍ଚ ମାସ ଶେଷଭାବରେ ଜାରି ଫୁଡ୍ ୱେଷ୍ଟ ଇଣ୍ଡେକ୍ସ ୨୦୨୪ର ରିପୋର୍ଟରେ କୁହାଯିଛି ଯେ ସାରା ବିଶ୍ୱରେ ଯେତିକି ଲୋକ ପଦାର୍ଥର ଅପଚୟ ହେଉଛି। ହୋଟେଲ ଓ ରେଷ୍ଟୁରା ମାନଙ୍କରେ ଖାଦ୍ୟ ଅପଚୟ ଅଧିକ ଭାବରେ ହେଉଛି ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ୨୦୨୨ରେ ସାରା ବିଶ୍ୱରେ ଯେତିକି ପରିମାଣର ଖାଦ୍ୟ ଶଷ୍ୟ ଉତ୍ପାଦନ ହୋଇଥିଲା ତାରା ୧୯ ପ୍ରତିଶତ ଅର୍ଥାତ ପାଖାପାଖି ୧.୦୫ ଅରବ ଟନ ଖାଦ୍ୟ ଶଷ୍ୟ ନଷ୍ଟ ହୋଇଥିଲା। ରିପୋର୍ଟ ଅନୁସାରେ ଚାଷୀର କ୍ଷେତରୁ ଖାଇବା ଥାଳି ପର୍ଯ୍ୟନ୍ତ ପହ ିବା ଭିତରେ ଉତ୍ପାଦନର ୧୩ ପ୍ରତିଶତ ଖାଦ୍ୟଶଷ୍ୟ ନଷ୍ଟ ହୋଇଯାଇଥଶଏ। ଜାତିସଙ୍ଘର ଖାଦ୍ୟ ଅପଚୟ ସୂଚକାଙ୍କ ରିପୋର୍ଟରେ ୨୦୩୦ ସୁଦ୍ଧା ଖାଦ୍ୟ ଅପଚୟକୁ ୫୦ ପ୍ରତିଶତ କମାଯିବା ପାଇଁ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଯଦି ଖାଦ୍ୟ ଶଷ୍ୟର ଅପଚୟ/ ନଷ୍ଟକୁ ରୋକାଯାଇପାରିବ ତେବେ ସାରା ବିଶ୍ୱରୁ ଖାଦ୍ୟାଭାବ ଭଳି ମସ୍ୟା ଦୂର ହୋଇଯିବ। ଏବେ ସାରା ବିଶ୍ୱରେ ୭୮.୩ କୋଟି ଲୋକ ଖାଦ୍ୟାଭାବର ଶୀକାର ହେଉଥିବା ବେଳେ ୧୦୦କୋଟି ଲୋକଙ୍କ ଖାଦ୍ୟ ନଷ୍ଟ ହେୁଛି। ଏକ ରିପୋର୍ଟ ଅନୁସାରେ ପ୍ରତିବ୍ୟକ୍ତି ବର୍ଷକୁ ୭୯ କିଲୋଗ୍ରାମ ଖାଦ୍ୟ ନଷ୍ଟ କରିଥାନ୍ତି। ଏଣୁ ଖାଦ୍ୟ ଅପଚୟ ଏକ ବିଶ୍ୱସ୍ତରୀୟ ସମସ୍ୟା ଓ ସଙ୍କଟ। ଏହାକୁ ରୋକାଯିବା ମଧ୍ୟ ଜରୁରୀ କାରଣ ଏହି ସମସ୍ୟା ଯେ କେବଳ ବିଶ୍ୱର ଅର୍ଥବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ ତା ନୁହେଁ ଏହା ଜଳବାୟୁ ପରିବ ିନ ଏବଂ ଜୈବ ବିବିଧତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ସୁନାବେଶରେ ଚତୁର୍ଦ୍ଧାମୂର୍ତ୍ତି

ବେଶ ହେଉଛି ବିଶେଷ ମାନସିକତା, ଭାବାବସ୍ଥା ତଥା ପ୍ରକୃତିର ପ୍ରତିଫଳନ । ସମଗ୍ର ବିଶ୍ୱର ଆଦିପୁରୁଷଙ୍କ ବିବିଧ ବେଶକୁ ଲକ୍ଷ୍ୟ କଲେ ତାଙ୍କ ମହାନୁଭବତା, ଉଦାରତା ତଥା ପ୍ରେମମୟତା ଓ ସହୃଦୟତାର ପରିଚ୍ୟ ମିଳିଥାଏ । ଭଗବାନ ବିଷ୍ଣୁଙ୍କ ପ୍ରସିଦ୍ଧ ଅବତାର ହେଲେ ଚ଼ବିଶ । ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ ହୋଇଥିବାରୁ ତାଙ୍କର ପ୍ରସିଦ୍ଧ ବେଶ ଚ଼ବିଶ ବୋଲି କୁହାଯାଏ । କିନ୍ତୁ ବିଶେଷ କ୍ଷେତ୍ରରେ ଠାକୁରଙ୍କର ଏହାଠାରୁ ଅଧିକ ବେଶ ହୋଇଥାଏ । ସେହି ଚ଼ବିଶ ବେଶ ବର୍ଷର ବିଭିନ୍ନ ମାସ ଓ ତିଥି ଅନୁସାରେ ପାଳନ କରାଯାଏ । ମହାବାହୁଙ୍କ ୨୪ ବେଶ ମଧ୍ୟରୁ ରାମ-୧, ଗଣେଶ-୧, ବାମନ-୨, ନରସିଂହ-୧, ଶ୍ରୀକୃଷ୍ଣ-୭ ଓ ସ୍ୱୟଂ ଜଗନ୍ନାଥଙ୍କ ୧୨ଟି ବେଶ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ବେଶ ବା ଶୃଙ୍ଗାର ମଧ୍ୟରେ ବସ୍ତ୍ର ଶୃଙ୍ଗାର ବା ସିଂଗାର, ଭୂଷଣ ଶୃଙ୍ଗାର ଓ ପୁଷ୍ପ ଶୃଙ୍ଗାର ଅନ୍ତର୍ଭୁକ୍ତ ହୋଇଛି । ବସ୍ତ୍ର ଶୃଙ୍ଗାରର ଅର୍ଥ ହେଉଛି ବାର ଅନୁସାରେ ଠାକୁର ବିଭିନ୍ନ ରଙ୍ଗର ବସ୍ତ୍ର ପରିଧାନ କରିବା । ଏହି ନିୟମରେ ମହାପ୍ରଭୁ ରବିବାର-ଲାଲ ବସ୍ତ୍ର (ରକ୍ତ ବର୍ଣ୍ଣ), ସୋମବାର କଳାଛିଟ ଥିବା ଧଳାରଙ୍ଗର ବସ୍ତ୍ର, ମଙ୍ଗଳବାର- ବାରପଟିଆ (ପାଞ୍ଚରଙ୍ଗ) ବସ୍ତ୍ର, ବୁଧବାର- ନୀଳବସ୍ତ୍ର, ଗୁରୁବାର-ପୀତରଙ୍ଗର ବସ୍ତ୍ର, ଶୁକ୍ରବାର-ଶ୍ୱେତ ବସ୍ତ୍ର ଓ ଶନିବାର- କୃଷ୍ଣରଙ୍ଗର ବସ୍ତ୍ର ପରିଧାନ କରିଥା'ନ୍ତି । ଭୂଷଣ ଶୃଙ୍ଗାରରେ ବିଭିନ୍ନ ଅମୂଲ୍ୟ ରତ୍ନ, ମଣି, ମାଣିକ ଓ ସୁବର୍ଣ୍ଣ ଆଦିରେ ଠାକୁରମାନଙ୍କୁ ସିଙ୍ଗାର କରାଯାଏ । ପୁଷ୍ପ ଶୃଙ୍ଗାର କହିଲେ ବିଭିନ୍ନ ସୁଗନ୍ଧିତ ଫୁଲରେ ଅଳଙ୍କାର ଓ ମାଳା ଆଦି କରି ଠାକୁରମାନଙ୍କୁ ସୁନ୍ଦର ଭାବେ ସଜେଇ ଦେବା । ତୁଳସୀ, ଦୟଣା ଓ ଚ଼ନ୍ଦନ, କର୍ପୂର ଆଦି ମଧ୍ୟ ଏସବୁ ବେଶର ଉପାଦାନ । ଏ ସବୁ ବେଶ ମଧ୍ୟରୁ କେତେକ ବେଶରେ ମହାପ୍ରଭୁ ଜଗନ୍ନାଥଙ୍କ ପୋଷାକ କେବଳ ବଦଳୁଥିବା ବେଳେ ଆଉ କେତେକ କ୍ଷେତ୍ରରେ ତାଙ୍କର ଅବତାର ବଦଳିଯାଇଥାଏ । କେତେବେଳେ ସେ ବିଷ୍ଣୁ ତ ଆଉ କେତେବେଳେ ନୃସିଂହ ବେଶ ଧାରଣ କରିଥାନ୍ତି । ପୁଣି ମହାପ୍ରଭୁମାନଙ୍କ ସବୁଯାକ ବେଶରେ ଜଗନ୍ନାଥ ମୁଖ୍ୟ ଭୂମିକାରେ ରହୁଥିବା ବେଳେ କେବଳ ପ୍ରଳମ୍ବାସୁରବଧ ବେଶରେ ବଳଭଦ୍ର ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଜଗନ୍ନାଥଙ୍କ ମୁଖ୍ୟ ୨୪ ବେଶ ମଧ୍ୟରୁ କେତେକ ବେଶ ବର୍ଷକରେ ଏକାଧିକବାର ସଂପନ୍ନ ହୋଇଥାଏ । ସୁନାବେଶ ପ୍ରାୟ ପାଞ୍ଚ ଥର ଓ ଶ୍ରାଦ୍ଧ ବେଶ ତିନିଥର ସଂପନ୍ନ ହୋଇଥାଏ । ଶ୍ରୀଜଗନ୍ନାଥ

ସେ ରାଜାଧିରାଜ ସେ କାଳିଆ ସାଆନ୍ତ । ସେ ହେଉଛନ୍ତି ସମନ୍ୱିତ ସାଂସ୍କୃତିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ । ଅପୂର୍ବ ତାଙ୍କର ମାନବୀୟ ଲୀଳା । ପ୍ରତ୍ୟେକ ଲୀଳାର ଅନ୍ତରାଳେ ନିହିତ ଥାଏ ବିଶ୍ୱ ମଙ୍ଗଳ କାମନା । ସେଥିପାଇଁ ତାଙ୍କର ନୀତିକାନ୍ତି, ଭୋଗ, ବେଶ ସବୁକିଛି ମହିମାମଣ୍ଡିତ । ପୁଣି ବେଶ ମଧ୍ୟରେ ଅନନ୍ୟ ତାଙ୍କର ସୁନାବେଶ । ବର୍ଷକୁ ରତ୍ନ ସିଂହାସନରେ ୪ଥର ଆଉ ଥରେ ଭାଇ ଭଉଣୀଙ୍କ ସହ ରଥରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜେଇ ହୁଅନ୍ତି ।

କହିବାକୁ ଗଲେ ଓଡ଼ିଶାର ଉପାସନା ପରମ୍ପରାରେ ଦେବୀ/ଦେବତାଙ୍କ ବେଶ ସୌନ୍ଦର୍ଯ୍ୟ ଚେତନାର ଏକ ବଡ଼ ନିଦର୍ଶନ । ନିଜସ୍ୱ ସୃଜନଶୀଳତା ଭକ୍ତଙ୍କୁ ବିମୋହିତ କରେ । ନିଜର ଇଷ୍ଟଦେବତାଙ୍କୁ ଆକର୍ଷଣୀୟ କରିବା ହିଁ ଆନ୍ତରିକ ଇଚ୍ଛାଶକ୍ତି । ଏଥିରେ ଜ୍ଞାନ ଅପେକ୍ଷା ଭକ୍ତି ଭାବ ଅଧିକ । ଭକ୍ତ ନିଜର ଇଚ୍ଛାକୁ କେବଳ ଅଳଙ୍କାରରେ ସଜାଏ ନାହିଁ, ଫୁଲ ଓ ପୋଷାକରେ ବି ସଜାଏ । ସେଥିରେ ଥାଏ ପରମ ଆତ୍ମତୃପ୍ତି । ମନୋବିଜ୍ଞାନୀଙ୍କ ଦୃଷ୍ଟିରେ ପ୍ରଭୁ ମନନ ହେବା ପାଇଁ ଏହା ଏକ ଶ୍ରେଷ୍ଠ ମାଧ୍ୟମ । ସନାତନ ପରମ୍ପରାରେ କୁହାଯାଇଛି 'ଅଳଙ୍କାରପ୍ରିୟ ହରି' । ସେହି ଦୃଷ୍ଟିରୁ ଦାରୁଦିଅଁଙ୍କୁ ପ୍ରତ୍ୟହ ଫୁଲ ଓ ବସ୍ତ୍ର ଭୂଷଣରେ ଭୂଷିତ କରାଯାଏ । କିନ୍ତୁ ସୁନାବେଶ କରାଯାଏ ପାଞ୍ଚଥର । ଆଷାଢ଼ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିର ବାହାରେ (ରଥ ଉପରେ) ଥରେ, ଶ୍ରୀମନ୍ଦିର ଭିତରେ ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ଚ଼ାରିଥର ସୁନାବେଶ କରାଯାଇଥାଏ । ଏହି ବେଶର ସାମାଜିକ ବାର୍ତ୍ତା ହେଉଛି ସୁବର୍ଣ୍ଣ ଯୁଗ ସୃଷ୍ଟି ପାଇଁ ଉତ୍ତମ ଆଚ଼ାର ହେବା । ଅର୍ଥାତ୍ ? ଭଲ ମଣିଷ ହେବା ଓ ଅନ୍ତରକୁ ସୁବର୍ଣ୍ଣଗୁଣରେ ବିକଶିତ କରିବା । ଶ୍ରୀମନ୍ଦିରରେ ରଥରେ ଓ ଗୁଣ୍ଡିଚ଼ା ଘରେ ଦାରୁଦିଅଁଙ୍କର ଯେତେ ବେଶ ହୁଏ , ସେସବୁ କେବଳ ପୁଷ୍ପାଳକ ସେବକ ସମ୍ପାଦିତ କରିଥାନ୍ତି । ରଥରେ ସୁନାବେଶବେଳେ ଭଣ୍ଡାର ମେକାପ ସେବକ ଶ୍ରୀମନ୍ଦିର ଭଣ୍ଡାର ଘରୁ ଅଳଙ୍କାରମାନ ଆଣି ରଥ ବାଡ଼ଗ୍ରାହୀଙ୍କୁ ଦିଅନ୍ତି । ବାଡ଼ଗ୍ରାହୀ ସେସବୁ ଅଳଙ୍କାର ପୁଷ୍ପାଳକ ସେବକମାନଙ୍କୁ ହସ୍ତାନ୍ତର କରନ୍ତି । ଏହାପରେ ସେମାନେ ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରିଥାନ୍ତି । କୁହାଯାଏ ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କଲେ ମୁକ୍ତି ମିଳେ ବୋଲି । ବାହୁଡା ଯାତ୍ରାରେ ହେଉଥିବା ସୁନାବେଶ



ଡକ୍ଟର ଲକ୍ଷ୍ମଣ ସାହୁ

ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟମିଳେ ବୋଲି ବିଶ୍ୱାସ ଅଛି । ସେଇଥିପାଇଁ ଦର୍ଶନ କରିବାକୁ ବଡଦାଣ୍ଡରେ କୋଟି କୋଟି ଭକ୍ତଙ୍କ ସମାଗମ ଘଟିଥାଏ । ଶ୍ରୀଜଗନ୍ନାଥ ବିଭିନ୍ନ ପ୍ରକାରର ଅଳଙ୍କାର ପିନ୍ଧନ୍ତି । ଶ୍ରୀପୟର, କିରିଟ, ଶ୍ରୀଭୁଜ(ହାତ), ସ୍ୱର୍ଣ୍ଣ ଚ଼କ୍ର ଓ ରୌପ୍ୟ ଶଙ୍ଖ, ଓ ?ଆଣୀ(କାନ ଫୁଲ), କମରପଟି, ଚ଼ନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତ୍ରିଖଣ୍ଡିକା, ଝୋବାକଣ୍ଠି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତିଳକ, ଚ଼ନ୍ଦ୍ରିକା, ଅଳକାରେ ସଜେଇ ହୁଅନ୍ତି । ସେଭଳି ସୁନା ବେଶରେ ଶ୍ରୀବଳଭଦ୍ର ପିନ୍ଧୁଥିବା ଅଳଙ୍କାରମାନ ହେଉଛି-ଶ୍ରୀପୟର, କିରିଟ, ଶ୍ରୀଭୁଜ, ହଳ ଓ ମୂଷଳ, ଓଢ଼ିଆଣୀ, କୁଣ୍ଡଳ, ଚ଼ନ୍ଦ୍ରସୂର୍ଯ୍ୟ, ତ୍ରିଖଣ୍ଡିକା, କମରପଟି, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡ଼ା ମାଳି, ବାଘନଖ ମାଳି, ସେବତୀ ମାଳି, ତିଳକ, ଚ଼ନ୍ଦ୍ରିକା, ଅଳକା, ଝୋବାକଣ୍ଠି ରେ ସଜେଇ ହେଉଥିବା ବେଳେ ଦେବୀ ସୁଭଦ୍ରା କିରୀଟ, ଓଢ଼ିଆଣୀ, କାନ, ଚ଼ନ୍ଦ୍ରସୂର୍ଯ୍ୟ, ତଗଡ଼ି-୨ଟି, ସେବତୀ ମାଳି, ଘାଗଡ଼ା ମାଳି, କଦମ୍ବ ମାଳି ଆଦି ଅଳଙ୍କାରରେ ଶୋଭା ପାଇଥାନ୍ତି । ବାସ୍ତବରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶମଧ୍ୟରେ 'ସୁନାବେଶ' ଅନ୍ୟତମ, ଯାହାକି ଅତ୍ୟନ୍ତ ଉପଭୋଗ୍ୟ ତଥା ଆକର୍ଷଣୀୟ । କହିବାକୁ ଗଲେ ମହାପ୍ରଭୁଙ୍କ ସକଳ ବେଶରେ ମାଧୁର୍ଯ୍ୟ ଲାବଣ୍ୟ ପ୍ରକଟିତ ହେଉଥିବା ସ୍ଥଳେ କେବଳ ସୁନା ବେଶରେ ଐଶ୍ୱର୍ଯ୍ୟ ପ୍ରାବଲ୍ୟ ପରିସ୍ଫୁଟ ହୋଇଥାଏ । ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନ ଉପରେ ଶ୍ରୀବିଗ୍ରହମାନେ ବିଭିନ୍ନ ତିଥିରେ ଯଥା କାର୍ତ୍ତିକ ପୂର୍ଣ୍ଣମୀ, କୁମାର ପୂର୍ଣ୍ଣମୀ, ଦୋଳ ପୂର୍ଣ୍ଣମୀ, ଦଶହରା ( ବିଜୟା ଦଶମୀ) ପ୍ରଭୃତି ଦିବସ ମାନଙ୍କରେ ରାଜବେଶ, ରାଜ ରାଜେଶ୍ୱର ଇତ୍ୟାଦି ସୁନାବେଶରେ ସଜ୍ଜିତ ହେଉଥିଲେ ହେଁ ଶ୍ରୀଗୁଣ୍ଡିଚ଼ା ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ୍ ଆଷା? ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ଦଣ୍ଡାୟମାନ ଥିବା ତ୍ରିରଥ ଉପରେ ଆକର୍ଷଣୀୟ ସୁନାବେଶ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ ଦର୍ଶନ ଦେଇଥାନ୍ତି ।

ଏହି ସୁନାବେଶ ପ୍ରଚ଼ଳନର ଇତିହାସ ସଂପର୍କରେ ଜଣାଯାଏ ଯେ, ଓଡିଆ ଜାତିର ପରମାରାଧ ଶ୍ରୀଗଜନ୍ନାଥଙ୍କୁ ରାଷ୍ଟ୍ର ଦେବତାରୂପେ ସ୍ୱକାର କରି ଏ ରାଜ୍ୟର ରାଜା ମହାରାଜାମାନେ ସ୍ୱଂୟ ରାଉତ ବା ଆଦେଶ ବାହକ ରୂପେ ମହାପ୍ରଭୁଙ୍କ ସେବା ନିର୍ବାହ କରିଥିବାର ପ୍ରମାଣ ଶିଳାଲେଖରେ ଉଲ୍ଲେଖ ଅଛି । ତୃତୀୟ ଅନଙ୍ଗ ଭୀମ ଦେବ ( ୧୨୧୧-୧୨୩୮) ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ପ୍ରକୃତ ରାଜା ଓ ନିଜକୁ ତାଙ୍କର ଜନୈକ ଅକିଞ୍ଚନ ସେବକ ଭାବେ ସର୍ବପ୍ରଥମେ ଘୋଷଣା କରିଥିଲେ । ପରେ ତାଙ୍କ ପୁତ୍ର ଲାଗଙ୍ଗୁଳା ନରସିଂହ ଦେବ ( ୧୨୩୮-୧୨୬୪) ମଧ୍ୟ ନିଜକୁ ପୁରୁଷୋତ୍ତମ ପୁତ୍ର ଭାବେ ଅବିହିତ କରିଥିଲେ । ଭାନୁଦେବ ତୃତୀୟ ( ୧୩୦୮-୧୩୨୮) ଶ୍ରୀଜଗନ୍ନାଥଙ୍କୁ ରାଜାଧିରାଜ ରୂପେ ସ୍ୱୀକାର କରି ମହାପ୍ରଭୁଙ୍କ ନାମରେ ଅଙ୍କ ଗଣନା ଆରମ୍ଭ କରିଥିଲେ । ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ ( ୧୪-୩୫-୧୪୬୬) ଶ୍ରୀଜଗନ୍ନାଥଙ୍କୁ ଜାତୀୟ ଦେବତାରୂପେ ପ୍ରଚ଼ାରିତ କରି ନିଜକୁ ତାଙ୍କର ସେବକ ସ୍ୱୀକାର କରିଥିଲେ । ଏପରିକି ଅନଙ୍ଗଭୀମ ଦେବ ଓ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ରୂପେ ମାନ୍ୟତା ପ୍ରଦାନ ପୂର୍ବକ ଉଭୟ ଦୁଇବର୍ଷ ଧରି ଅଭିଷେକ ହୋଇନଥିଲେ । କେତେକ ଗବେଷକଙ୍କ ମତରେ ରଥ ଉପରେ ଠାକୁରମାନଙ୍କ ଏହି ବେଶର ନାମ ବଡ଼ ତଢ଼ାଉ ବେଶ । ବଡ଼ତଡାଉ ବେଶ ମତରେ କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନାଅଳଙ୍କାର ଆଣିଥିଲେ ସ ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚ଼ନା ରହିଛି । ଅଳଙ୍କାର ସମ୍ପର୍କରେ ରାଜା ବଡ଼ତଡାଉଙ୍କ ପରାମର୍ଶ ନେଇଥିଲେ । ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି । ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଡାଉ ରାଜାଙ୍କୁ ବିନତି କରିଥିଲେ । ବଡ ତ?ାଉଙ୍କ ଶ୍ରଦ୍ଧା ଓ ଅନୁରୋଧକ୍ରମେ କପିଳେନ୍ଦ୍ର ଦେବ ବଡ ତ?ାଉ ନାମକ ଏକ ପ୍ରକାର କଣ୍ଠମାଳା ସମେତ ଶ୍ରୀଭୁଜ, ଶ୍ରୀପୟର, ରତ୍ନ ପଦକ, ରତ୍ନ କିରୀଟ, କାନଫୁଲ, ମର୍କତ ମୁକୁଟ, ପଦ ପଲ୍ଲବ, ମୁଦି, କଣ୍ଠିମାଳ, ମର୍କତ କାଉଁଳି, ବଳା, ବାହୁଟି, କାନ୍ତି ଜରକବର, କଟି ମେଖଳା, ପ୍ରଭୃତି ୧୩୮ ପ୍ରକାରର ରତ୍ନ ଖଞ୍ଜିତ ସ୍ୱର୍ଣ୍ଣାଳଙ୍କାର କରି ପ୍ରଥମ ରଥ ଉପରେ ମହାପ୍ରଭୁମାନଙ୍କ ଲାଗି ସୁନାବେଶ କରାଇଥିଲେ ବୋଲି କିମ୍ବଦନ୍ତୀ ରହିଛି ।

ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ । ଅଦ୍ୟାବଧି ଏହି ପରମ୍ପରା ଅନୁଯାୟୀ ରଥ ଉପରେ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇ ଆସୁଛି । ବଡ ତ?ାଉଙ୍କ ଅଳିକୁ ସମ୍ମାନ ଦେଇ ସେହି ଦିନଠାରୁ ଏହି ସୁନାବେଶ 'ବଡ ତ?ାଉ ବେଶ' ନାମରେ ନାମିତ ହୋଇଛି । ଅନ୍ୟ ଅର୍ଥରେ ମଧ୍ୟ ସୁନା ବେଶ, ଯାହାକୁ "ରାଜାଧିରାଜ ବେଶ ' ମଧ୍ୟ କୁହାଯାଏ । ଅତୀତରେ ଓଡ଼ିଶାର ବହୁ ରାଜା , ଜମିଦାର ଓ ସାମନ୍ତ ବର୍ଗ ଶ୍ରୀମନ୍ଦିରକୁ ଆଗମନ ପୂର୍ବକ ଦାରୁବ୍ରହ୍ମ ରୂପୀ ଶ୍ରୀବିଗ୍ରହମାନଙ୍କର ଏହି ରାଜ ବେଶ ଦର୍ଶନରେ ପରମ ସନ୍ତୋଷ ଲାଭ କରିବା ସଙ୍ଗେ ସଙ୍ଗେ ଠାକୁରମାନଙ୍କର ଉଦ୍ଦେଶ୍ୟରେ ନାନାଦି ରତ୍ନ ଅଳଙ୍କାର ଦାନ କରୁଥିଲେ । ମୟୂରଭଞ୍ଜର ରାଜା ଓ ପାରଳାଖେମୁଣ୍ଡି ରାଜ୍ୟର ଗଜପତିମାନେ କାର୍ତ୍ତିକ ପୂର୍ଣ୍ଣମା ଦିନ ଠାକୁରମାନଙ୍କ ରାଜରାଜେଶ୍ୱର ବେଶ ଦର୍ଶନ କରି ମହାପ୍ରଭୁଙ୍କୁ ସୁନିଆ ଭେଟିଦେଇ ମହୋତ୍ସବ କରାଉଥିବା ଜଣାଯାଏ । ଉତ୍କଳର ରାଜା ସାମନ୍ତରାଜାଙ୍କ ପକ୍ଷେ ଏହି ବେଶ ଅତ୍ୟନ୍ତ ପବିତ୍ର ଓ ଦର୍ଶନୀୟ ଥିଲା କେବଳ ନୁହେଁ ମୋକ୍ଷ ପ୍ରାପ୍ତିର , ସକଳ ବର୍ଗର , ଭକ୍ତଙ୍କ ମୋକ୍ଷ ଓ ପୁଣ୍ୟ ପ୍ରାପ୍ତି ନିମନ୍ତେ ଚ଼ତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରଥ ଉପରେ ଚ଼ତୁର୍ଦ୍ଧାମୂର୍ତ୍ତିଙ୍କର ସୁନା ବେଶ ଅନୁଷ୍ଠିତ ହୋଇଥାଏ..!!!

*ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ- ୪*
*ଦୂରଭାଷ; ୯୦୪୦ ୧୫୧୪୭୫*

# ଜୀବନ ଅନ୍ଧକାରରୁ ଦୁନିଆର ଆଲୋକ

ଆମ ଗହଣରେ ଅନେକ ଦିବ୍ୟାଙ୍ଗ ମାନଙ୍କୁ ନେଇ ଆମେ ଅନାବଶ୍ୟକ ମନ୍ତବ୍ୟ ଦେବା ସହ ଅନେକଙ୍କୁ ଆମେ ସମାଲୋଚନା କରିଥାଉ ତେବେ ଅନେକ ହୁଏତ ଜାଣିନଥାନ୍ତି ପୃଥିବୀର ସବୁଠାରୁ ମହାନ ବୈଜ୍ଞାନିକ ଥୋମାସ ଆଲଭା ଏଡ଼ିସନଙ୍କ କଥା। ସେ ଅନେକ ଆବିଷ୍କାରର ସ୍ରଷ୍ଟା ଥିଲେ ଯାହାଙ୍କର ନାମରେ ପାଖାପାଖି ୧୦୯୩ଟି ଆବିଷ୍କାରର ପ୍ୟାଟେଣ୍ଟ ରହିଛି। ସବୁଠାରୁ ବଡ଼ ଆବିଷ୍କାର ହେଉଛି ଲାଇଟ ବଲବ ଯାହାକି ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରିଥିଲା। ଅନେକ ହୁଏତ ଜାଣି ନାହାଁନ୍ତି ସେ ଥିଲେ ବଧିର କିନ୍ତୁ ନିଜର ଏହି ଦୁର୍ବଳତାକୁ ଶକ୍ତି ସଜାଇ ଏହି ସଫଳତା ହାସଲ କରିବାରେ ସଫଳ ହୋଇଥିଲେ। ଆଜି ତାଙ୍କରି ଜୀବନଗାଥା ସମ୍ପର୍କରେ ଆଲୋଚନା କରିବା।

୧୮୪୭ ମସିହାରେ ଆମେରିକା, ଓହିଓର ମିଳନରେ ଜନ୍ମଗ୍ରହଣ କରିଥିଲେ ଥୋମାସ ଆଲଭା ଏଡ଼ିସନ। ପରେ ତାଙ୍କ ପରିବାର ମିସିଗାନର ପୋର୍ଟ ହୁରୋନ ଚାଲିଯିବାରୁ ସେଠାରେ ତାଙ୍କର ପିଲାଦିନଟି ବିତିଥିଲା। ବାପା ଥିଲେ ସାମୁଏଲ ଓଗଡେନ ଏଡ଼ିସନ ଓ ମା ନାନ୍ସି ମାଥ୍ୟୁସ ଇଲିଓଟ। ସାତ ଭାଇଭଉଣୀ ଭିତରେ ସେ ଥିଲେ ସବୁଠୁ ସାନ। ଥୋମାସ ଏଡିସନ ଲେଖିବା, ପଢ଼ିବା, ଗଣିତ କରିବା ସବୁକିଛି ମାଆଙ୍କ ଠାରୁ ଶିଖିଥିଲେ। କାରଣ ସେ ପୂର୍ବରୁ ଶିକ୍ଷୟିତ୍ରୀ ଥିଲେ। ଥୋମାସ ଏଡ଼ିସନ ଅଳ୍ପ କିଛି ମାସ ହିଁ ସ୍କୁଲ ଯାଇଥିଲେ। କିନ୍ତୁ ସେ ନିଜେ ପଢ଼ି ଅନେକ କିଛି ଶିଖିଥିଲେ। ପିଲାଦିନୁ ହିଁ ତାଙ୍କର ଟେକ୍ନୋଲୋଜି ଉପରେ ଆଗ୍ରହ ଥିଲା। ଆଉ ଘଣ୍ଟା ଘଣ୍ଟା ଏହା ଉପରେ ଗବେଷଣା କରୁଥିଲେ। ତେବେ ୧୨ ବର୍ଷ ବୟସର ହେବାବେଳେ ତାଙ୍କର ଶ୍ରବଣ ଶକ୍ତି ହ୍ରାସ ହେବାକୁ ଲାଗିଲା। ଏଭଳି ହେବା ପଛର କାରଣ ହେଉଛି ଅଧିକ ଦିନ ଧରି ଜ୍ୱର ହେବା। ଏହାଦ୍ୱାରା ତାଙ୍କ ମଧ୍ୟ କର୍ଣ୍ଣରେ ସଂକ୍ରମଣ ହୋଇଥିଲା। ଉପଯୁକ୍ତ ଚିକିତ୍ସା ନ ହୋଇପାରିବାରୁ ତାଙ୍କର ଶ୍ରବଣ ଶକ୍ତି କମିଗଲା। କ୍ରମେ ତାଙ୍କର ଗୋଟିଏ କାନ ସମ୍ପୂର୍ଣ୍ଣ ବଧିର ହୋଇଗଲା। ଆଉ କାନଟିକୁ ବହୁତ କମ ଶୁଭୁଥିଲା। କୁହାଯାଏ ଏଡ଼ିସନ ମ୍ୟୁଜିକ ପ୍ଲେୟର ଓ ପିଆନୋର ଶବ୍ଦ ଶୁଣିବାକୁ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ତା କାଠକୁ ଦାନ୍ତରେ କାମୁଡ଼ି ଧରୁଥିଲେ। ଯଦ୍ୱାରା କି ସେ ଶବ୍ଦର ଧ୍ୱନି ତରଙ୍ଗକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚାଇ ସେହି ଧ୍ୱନିକୁ କିଛିଟା ଶୁଣିପାରିବେ। ବୟସ ବଢ଼ିବା ସହ ଥୋମାସ ଏଡ଼ିସନ ନିଜର ଏହି ଦୁର୍ବଳତାକୁ ନିଜର ଶକ୍ତି ମନେକଲେ। ତାଙ୍କ ମତ ଥିଲା ଯେ ସେ ବାହାର ଶବ୍ଦ ଶୁଣି ନପାରିବାରୁ ସେ କାମରୁ ଡସିଟପ୍ ହେଉ ନଥିଲେ ଓ ମନଧ୍ୟାନ ଦେଇ କାମ କରିପାରୁଥିଲେ। ଛୋଟବେଳେ ସେ ଟ୍ରେନରେ ଖବରକାଗଜ, କ୍ୟାଣ୍ଡି, ପନିପରିବା ବିକ୍ରିକରି ରୋଜଗାର କରୁଥିଲେ। ମାତ୍ର ୧୩ ବର୍ଷ ବୟସରେ ସେ ସପ୍ତାହକୁ ୫୦ ଡଲାର ଲାଭ କରୁଥିଲେ। ସେ ଯାହା ରୋଜଗାର କରୁଥିଲେ ସେଥିରେ ସେ ଇଲେକ୍ଟ୍ରିକାଲ ଓ କେମିକାଲ ଏକ୍ସପେରିମେଣ୍ଟ ପାଇଁ ଆବଶ୍ୟକୀୟ ଉପକରଣ କିଣୁଥିଲେ। ୧୫ ବର୍ଷ ବୟସରେ ସେ ତିନିବର୍ଷର ଜିମି ମାକେନଜି ନାମକ ବାଳକକୁ ଟ୍ରେନ ଧକ୍କା ହେବାରୁ ବଞ୍ଚାଇଥିଲେ। ଫଳରେ ତାଙ୍କ ବାପା ଏତେ ଖୁସି ହୋଇଯାଇଥିଲେ ଯେ ଥୋମାସଙ୍କୁ ଟେଲିଗ୍ରାଫ ଅପରେଟର ତାଲିମ ଦେଇଥିଲେ। ଥୋମାସଙ୍କ ପ୍ରଥମ ଟେଲିଗ୍ରାଫି ଚାକିରି ଗ୍ରାଣ୍ଡ ଟ୍ରଙ୍କ ରେଲୱେରେ କରିଥିଲେ। ପରବର୍ତ୍ତୀ ସମୟରେ ସେ ପେପର ବିକ୍ରି କରିବା ସହ ଗ୍ରାଣ୍ଡ ଟ୍ରଙ୍କ ହେରାଲ୍ଡ ପେପର ଛପାଇ ତାକୁ ବିକ୍ରି କଲେ। ଏମିତିରେ ସେ ବ୍ୟବସାୟୀ ବି ପାଲଟିଥିଲେ। ୧୯ ବର୍ଷ ବୟସରେ ସେ କେଣ୍ଟୁକିର ଲୁଇସଭିଲେ ଚାଲିଯାଇଥିଲେ। ସେଠି ସେ ୱେଷ୍ଟର୍ନ ୟୁନିୟନର କର୍ମଚାରୀ ଭାବେ ଆସୋସିଏଟେଡ ପ୍ରେସ ବ୍ୟୁରୋ ନ୍ୟୁଜ ୱାୟରରେ କାମ କଲେ। ଅନୁରୋଧ କରି ନାଇଟ ସିଫ୍ଟରେ କାମ କଲେ। ଯାହାଦ୍ୱାରା କି ସେ ପଢ଼ିବା ଓ ଗବେଷଣା ପାଇଁ ସମୟ ପାଇଲେ। ଥରେ ଲିଡ ଏସିଡ଼ ବ୍ୟାଟେରି ଉପରେ ଗବେଷଣା କଲାବେଳେ ସଲଫ୍ୟୁରିକ ଏସିଡ଼ ତଳେ ପଡ଼ିଯାଇଥିଲା। ଆଉ ତାହା ବୋହି ବୋହି ବସଙ୍କ ଚାମ୍ବରକୁ ଚାଲିଗଲା। ଫଳରେ ସେଠାରୁ ତାଙ୍କୁ ବାହାର କରିଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେ ନିଜର ପ୍ରଥମ ଉଦ୍ଭାବନ ଇଲେକ୍ଟ୍ରିକ ଭୋଟ ରେକର୍ଡ଼ରର ପ୍ୟାଟେଣ୍ଟ କରାଇଲେ। ଏହାପରେ ଲାଇଟ ବଲବ, ଫୋନୋଗ୍ରାଫ, ମୋସନ ପିକ୍‌ଚର କ୍ୟାମେରା ଭଳି ଅନେକ ଉଦ୍ଭାବପନ କଲେ। ତାଙ୍କ ନାମରେ ୧୦୯୩ଟି ଆମେରିକୀୟ ପ୍ୟାଟେଣ୍ଟ ରହିଛି। ଥୋମାସ ଏଡ଼ିସନଙ୍କ ସଫଳଜୀବନ ନାମା ନିଶ୍ଚିତ ଭାବେ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ।

*ବାକ୍‌ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,*

# ରଥଯାତ୍ରା : ଉତ୍ପତ୍ତି ଓ ବୈଶିଷ୍ଟ୍ୟ

ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ହେଉଛି ରଥଯାତ୍ରା। ଖ୍ରୀଷ୍ଟୀୟ ଦଶମ-ଏକାଦଶ ଶତାବ୍ଦୀର ରଚିତ ମୁରାରୀ ମିଶ୍ରଙ୍କ 'ଅନର୍ଘରାଘବ' ନାଟକରେ ବର୍ଣ୍ଣିତ ପୁରୁଷୋତ୍ତମ କ୍ଷେତ୍ରର ଏହି ଯାତ୍ରାକୁ ଅନେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୋଲି ଅନୁମାନ କରିଥାନ୍ତି। ମାତ୍ର ସେହି ଅନୁମାନ ଯଥାର୍ଥ ନୁହେଁ। ସେ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ରଚିତ ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ, ପୁରୁଷୋତ୍ତମ ମାହାତ୍ମ୍ୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପ୍ରଥମ ସବିଶେଷ ବିବରଣୀ ଦେଖିବାକୁ ମିଳେ।

'ଆରଭେତ ରଥଂ କୃତ୍ୱା ବିଘ୍ନରାଜ ମହୋତ୍ସବମ୍।୧୧।
କ୍ଷୋଡ଼ାଶାରୈଃ କ୍ଷୋଡ଼ଶଭିଶ୍ଚ କ୍ରୈର୍ଲୋହମୟୈର୍ଦୃଢ଼ୈଃ।
ଯୁକ୍ତଂ ବିଷ୍ଣୋ ରଥଂ କୁର୍ଯ୍ୟାଦ୍ଦୃଢ଼ାକ୍ଷଂ ଦୃଢ଼କୂବରମ୍।୧୨।
ବିଚିତ୍ର ଘଟନାକାଷ୍ଠ-ପୁତ୍ତଳୀପରିବେଷ୍ଟିତମ୍।
ମଧ୍ୟେ ବେଦୀ ସମୁଚ୍ଛାୟିଚାରୁମଣ୍ଡଳ ରାଜିତମ୍।୧୩।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଆରମ୍ଭ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଡଃ.ରାଜଗୁରୁ ଉଲ୍ଲେଖ କରିଛନ୍ତି, 'କେତେକ ଅଭିଲେଖରୁ ପ୍ରମାଣିତ ହୋଇଛି ଯେ ମହାରାଜା ତୃତୀୟ ଅନଙ୍ଗଭୀମଦେବଙ୍କ ରାଜତ୍ୱକାଳରେ ୧୨୩୦ ଖ୍ରୀଷ୍ଟାବ୍ଦରେ ବଡ଼ଦେଉଳର ପ୍ରତିଷ୍ଠା ସମ୍ପନ୍ନ ହେଲା। ସେତେବେଳେ ସେଥିରେ ହସ୍ତପଦଯୁକ୍ତ ସେପରି ତିନି ପ୍ରସ୍ତର ମୂର୍ତ୍ତି ମଧ୍ୟ ପ୍ରତିଷ୍ଠା ଲାଭ କରିଥିଲେ। ଏହି ହସ୍ତପଦଯୁକ୍ତ ତିନି ପ୍ରସ୍ତର ବିଗ୍ରହଙ୍କ ଆରାଧନା ପାଇଁ ପୂର୍ବରୁ ଅବସ୍ଥାପିତ ନୃସିଂହ ମନ୍ଦିରରେ ସ୍ଥାନାଭାବ ହେବାରୁ ଚୋଡ଼ଗଙ୍ଗଦେବ ବଡ଼ ଆକାରରେ ଆଉ ଗୋଟିଏ ମନ୍ଦିର ନିର୍ମାଣ କରିବାକୁ ଶୁଭଦେଇ ଉପଯୁକ୍ତ ଶିଳ୍ପୀଙ୍କୁ ସେହି କାମରେ ନିଯୁକ୍ତ କରିଥିଲେ। ପ୍ରସ୍ତର ବିଗ୍ରହ ପରିବର୍ତ୍ତେ ଯେଉଁ ସମୟରେ ହସ୍ତପଦ ବିହୀନ ଦାରୁ ପ୍ରତିମାଙ୍କୁ ଶ୍ରୀମନ୍ଦିରରେ ସ୍ଥାପନ କରାଗଲା, ସେ



ଡକ୍ଟର ତପନ କୁମାର ପାଳ

ସମୟ ଠାରୁ ପୁରୀରେ ରଥଯାତ୍ରା ପ୍ରଚଳିତ ହୋଇଥିବା ସମ୍ଭବପର। ମାତ୍ର ଏହି ପ୍ରକାର ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ। କାରଣ ଶ୍ରୀମନ୍ଦିରରେ କୌଣସି ମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରସ୍ତର ବିଗ୍ରହ ପୂଜା ପାଉଥିବା ଏକ ଭିତ୍ତିହୀନ ଅନୁମାନ। ଏ ସମ୍ପର୍କରେ ଅଭିଲେଖଗତ ପ୍ରମାଣ ଅଦ୍ୟାବଧି ଦୃଷ୍ଟିଗୋଚର ହୁଏନାହିଁ। ଅପରପକ୍ଷେ ମାଦାଳାପାଞ୍ଜିରେ ଉଲ୍ଲେଖ ଅଛି ଯେ ଖ୍ରୀଷ୍ଟିୟ ନବମ ଶତାବ୍ଦୀ ବେଳକୁ ଯଯାତି ପୁରୀରେ ଦାରିବିଗ୍ରହ ପ୍ରତିଷ୍ଠା କରିସାରିଥିଲେ। ଏକଥାଟିକୁ ଡ଼ଃ.ରାଜଗୁରୁ ଆଦୌ ବିଚାରକୁ ନେଇ ନାହାଁନ୍ତି।

ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ପାରମାର ସମ୍ରାଟ ଭୋଜଦେବଙ୍କ ରଚିତ ରାଜମାର୍ତ୍ତଣ୍ଡ ଗ୍ରନ୍ଥରେ ପୁରୁଷୋତ୍ତମ କ୍ଷେତ୍ରଟି ଜ୍ୟେଷ୍ଠମାସ ପାଇଁ ପ୍ରସିଦ୍ଧ ଥିଲାବୋଲି ଉଲ୍ଲେଖ ଅଛି। ଏହି ଜ୍ୟେଷ୍ଠମାସଟି ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ପାଇଁ ବିଖ୍ୟାତ। ଜଗନ୍ନାଥଙ୍କର ଏହି ସ୍ନାନ ଉତ୍ସବଟିକୁ ଗବେଷକ ଡଃ.ଦାଶ ରଥଯାତ୍ରା ସହିତ ଚିହ୍ନିତ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର ଏହା ଯଥାର୍ଥବୋଲି ମନେହୁଏ ନାହିଁ। କାରଣ ରଥଯାତ୍ରା ପୂର୍ବରୁ ଏହି ଉତ୍ସବ ପାଳିତ ହେଉଥିଲେ ମଧ୍ୟ ସ୍ନାନଯାତ୍ରାର ସମ୍ପ୍ରସାରିତ ରୂପ ଏହା ନୁହେଁ। ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର।

ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର ମଣ୍ଡଣିପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ରଙ୍ଗର ବସ୍ତ୍ର, ଭିନ୍ନ ଭିନ୍ନ ରଥରେ ଭିନ୍ନ ଭିନ୍ନ ବିଗ୍ରହଙ୍କର ଅବସ୍ଥାନ, ଗଜପତିଙ୍କର ରଥ ଗୁଡ଼ିକରେ ଛେରାପହଁରା ଖ୍ରୀଷ୍ଟୀୟ ପ୍ରଥମରୁ ସପ୍ତମ ଶତାବ୍ଦୀ ମଧ୍ୟରେ ପ୍ରଚଳିତ ଥିବା ବୌଦ୍ଧ ପଦ୍ଧତିର ଏକ ବିବର୍ତ୍ତିତ ଅନୁସରଣ ମାତ୍ର। ଜଗନ୍ନାଥ ବୁଦ୍ଧ, ଅତଏବ ବୁଦ୍ଧରୂପୀ ଜଗନ୍ନାଥଙ୍କର ରଥରେ ସ୍ଥାପନ ଓ ରଥଯାତ୍ରା ସେହି ବୌଦ୍ଧାବତାରର ମହତ୍ତ୍ୱ ପ୍ରଚାର କରେ। ତେଣୁ ଶ୍ରୀଜଗନ୍ନାଥଙ୍କ ଉଭୟ ଗୁଣ୍ଡିଚା ଓ ବାହୁଡ଼ାଯାତ୍ରା ବୌଦ୍ଧ ପୂଜାବିଧାନର ଏକ ପ୍ରଧାନ ଅଙ୍ଗ। ବୁଦ୍ଧଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ହେଉଥିବା ଯାତ୍ରା ହିଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ବିଶେଷକରି ବୁଦ୍ଧଦେବଙ୍କର ଦନ୍ତଯାତ୍ରାର ସଚେତନ ଅନୁକୃତି ହିଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୩୩*




# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃ ି ର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈ ରୀୟ ଆରଣ୍ୟକର ଯାଜ୍ଞିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହର୍‌ପ୍ପାର ପ୍ରତ୍ନତା ି କ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂ ର୍ି, ଦେବୀ ମୂ ର୍ି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉକ୍ରଳ ଓ ଉତ୍ତ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ସାଧାରଣତଃ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ ଓ ସିଂହଭୂମକୁ ଉତ୍ତ୍ରଦେଶ ଭାବେ ବୁଝାଯାଉଥିଲା । ଗଞ୍ଜାମ, କୋରାପୁଟ ଓ ତତ୍କାଳୀନ ସୀମାନ୍ତବ ର୍ୀ ବିଜୟନଗରମ୍ ଇତ୍ୟାଦି ଅ ଳକୁ କଳିଙ୍ଗ କୁହାଯାଉଥିବାବେଳେ ଅବଶିଷ୍ଟ ଅ ଳକୁ ଉକ୍ରଳ କୁହାଯାଉଥିଲା । ଶକ୍ତି ସଙ୍ଗମ ତନ୍ତ୍ରରେ କଳିଙ୍ଗ ଓ ଉକ୍ରଳର ନାମଲିପିବଦ୍ଧ ।

ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉତ୍ତ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉକ୍ରଳରେ ଉପାସନା କରାଯାଉଥିଲା ପରବ ର୍ୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗା ରୂପେ ଉପାସନା କରାଯାଇଥିଲା । ଯାହାପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବର୍ େ ଦ୍ୱିଭୂଜା, ଚର୍ତୁଭୂଜା ଓ ଅଷ୍ଟଭୂଜା ପ୍ରଭୃତି ଦେବୀ ମୂ ର୍ିଙ୍କର ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ଏଣୁ ଶବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାର ପ୍ରାଚୀନ ବନଦୁର୍ଗା ରୂପେ ପ୍ରଥମେ ଆର୍ବିଭୂତା ହୋଇଥିଲେ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଗ୍ରାମଦେବୀ ହିଁ ବନଦୁର୍ଗାଙ୍କ ସ୍ୱରୂପରେ ଉପାସିତା । ବୌଦ୍ଧ ସିଧାଚାର୍ଯ୍ୟମାନଙ୍କ ସାହିତ୍ୟରେ ଶବରସିଦ୍ଧାଚାର୍ଯ୍ୟ, ସରହପା ଓ ସରରୀପା ପ୍ରଭୃତି ନାମର ଉଲ୍ଲେଖ ରହିଛି । ସେ ସମୟରେ ବ୍ରାହ୍ମଣ୍ୟତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କର ଆବାହନା କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀଚଣ୍ଡୀ ମହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣତନ୍ତ୍ରର ସର୍ବପ୍ରାଚୀନ ମହୀଷାମର୍ଦ୍ଦିନୀ ଦୁର୍ଗା ରୂପେ ଯାଜପୁର ଠାରେ ବିରଜାଙ୍କର ଆର୍ବିଭାବ ହୋଇଥିଲା । ଓଡ଼ିଶାରେ ସର୍ବପ୍ରଥମ ଦ୍ୱିଭୂଜା ମହିଷାମର୍ଦ୍ଦିନୀ ଦୁର୍ଗାରୂପେ ବିରଜାଙ୍କୁ ଗ୍ରହଣ କରାଯାଏ ।

ଓଡ଼ି ଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତଯୁଗର ଦଶମହାବିଦ୍ୟା ତ ୍ର ଅନୁକରଣରେ ଦୁର୍ଗାଙ୍କର ଦଶବିଧ ମୌଳିକ ରୂପକୁ ନେଇ ଶାକ୍ତମାନେ କୌଳାଚାର ମତ ପ୍ରବ ର୍ନ କରିଥିଲେ । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ପୁବନ, ବର୍ଣ୍ଣ, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, କୀଳକ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବ ର୍ିତ ହୋଇଥିଲା । ଏହା କୁଳ କୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା । ନାଦ, ବିନ୍ଦୁ ରୂପେ ଶିବ ଓ ଶକ୍ତିଙ୍କୁ ସାଧନାରେ ଉପଲବ୍ଧି କରି ସିଦ୍ଧି ଲାଭ କରାଯାଇଥାଏ । ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ମାତୃକା ରୂପେ ଗ୍ରହଣ କରି ବିଭିନ୍ନ ଚକ୍ରରେ ସେହି ଶକ୍ତିଙ୍କୁ ଜାଗ୍ରତ କରିବା ଦ୍ୱାରା କୁଣ୍ଡଳିନୀ ଶକ୍ତି ପ୍ରକାଶିତ ହୋଇଥାନ୍ତି । ଏହି କୌଳାଚାରପୂଜା ଦ୍ୱାରା ସମଗ୍ର ବିଶ୍ୱକୁ ଶ୍ରୀ ଚକ୍ର ମଧ୍ୟରେ ଅନୁଭବ କରାଯାଏ । ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂ ର୍ିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀ ର୍ିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତିରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ସେତେବେଳକୁ ଯାଜପୁରର ବିରଜା ଓ ପୁରୀର ବିମଳା ମୁଖ୍ୟ ଶକ୍ତି ରୂପେ ଉପାସିତା ହୋଇସାରିଥିଲେ । କିନ୍ତୁ ଦୁର୍ଗାପୂଜାର କ୍ରମବିକାଶରେ ଏହି ଭୌମକର ରାଜବଂଶର ଶକ୍ତି ଉପାସକ ରାଜା ଓ କେତେକ ରାଣୀମାନଙ୍କର ଅବଦାନ ଅବିସ୍ମରଣୀୟ ।

ସହକାରୀ ପ୍ରଫେସର, ଶରୀରତ ୍ୱ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୮୨୪୯୭୯୯୯୦୬

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡ଼ିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡ଼ିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡ଼ିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡ଼ିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଙ୍ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଉଠିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ର୍ା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ । ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।



# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଷ୍ମ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।




## ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଙ୍ଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ବୁଧବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ସପ୍ତମ ବେତନ ପ୍ରଦାନ ନାମରେ ଯେଉଁ ନୂତନ ଅନୁଦାନ ନୀତି -୨୦୨୧ ପ୍ରଣୟନ କରାଗଲା ଏବଂ ତାକୁ ଲାଗୁ କରାଯିବା ପାଇଁ ଗତ ୧୩.୦୫.୨୨ରିଖରେ ଯେଉଁ ମୋଡାଲିଟି ବା ପଦ୍ଧତି ନିର୍ଦ୍ଧାରଣ କରାଗଲା ତାହା ଓଡିଶାର ୫୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ହତାଶ ଓ ନିରାଶ କରିଛି। ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାଇ ନୂତନ ବେତନ ନିର୍ଦ୍ଧାରଣ ନିମନ୍ତେ ଥିବା ସ୍ପଷ୍ଟ ନୀତି (ବେସିକ୍ ପେ ରେ ଗ୍ରେଡ ପେ କୁ ମିଶାଇ ତାର ୨.୫୭ଗୁଣ)କୁ ଏଥିରେ ବାଦ ଦେଇ ସଂପୂର୍ଣ୍ଣ ଭିନ୍ନ ଏବଂ ଅବାସ୍ତବ (ବେସିକ ପେ ସହିତ ୧୪୨ପ୍ରତିଶତ ଡିଏ ମିଶାଇ) ଅବଲମ୍ବନରେ ଦରମା ନିର୍ଦ୍ଧାରଣ ପଦ୍ଧତିକୁ ଗ୍ରହଣ କରାଯାଇଛି। ଏହା ରାଜ୍ୟର ହଜାର ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କ ସ୍ୱାଭିମାନ ଓ ପଦମର୍ଯ୍ୟାଦାକୁ ବ୍ୟାହତ କରିବ ବୋଲି ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନ୍‌ରେ ପର୍ଯ୍ୟବେଶିତ ବାର୍ଷିକ ଦରମା ବୃଦ୍ଧି ଯାହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସର୍ବୋଚ୍ଚ ଅଦାଲତରେ ଆଫିଡେଭିଟ କରି ଦାଖଲ କରିଛନ୍ତି ତାହାର ମଧ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦେଶ୍ୟରେ ଉତ୍ସର୍ଗ କଲାବେଳେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପରିବର୍ତ୍ତନ କରାଯାଇ ଅନୁଦାନ ଆଇନ ପୁନଃ ପ୍ରଚଳନ କରାଗଲା ବୋଲି ଘୋଷଣା କରିଥିଲେ। ୧.୧.୨୨ରିଖରୁ ସିଧାସଳଖ ଭାବେ ସପ୍ତମ ବେତନ ନଦେଇ ୧.୧.୨୦୧୮ରିଖରୁ ୧.୧.୨୦୨୨ ପର୍ଯ୍ୟନ୍ତ ନୋସନାଲ ଭାବେ ପ୍ରଦାନ କରି ଉଦେଶ୍ୟମୂଳକ ଭାବେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ନାର୍ଯ୍ୟ ବେତନରୁ ବଞ୍ଚିତ କରାଯାଇଛି ବୋଲି ସଙ୍ଘ ଅଭିଯୋଗ କରିଛି। ଷଷ୍ଠ ବେତନରେ ୬୦ ପ୍ରତିଶତ, ୭୫ପ୍ରତିଶତ ପାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅନୁପାତ ଭିତ୍ତିକ ଭାବେ ସପ୍ତମ ବେତନ ପ୍ରଦାନର ବ୍ୟବସ୍ଥା, ଯେଉଁ ବିଦ୍ୟାଳୟ ଗୁଡିକ ୧.୧.୨୨ରିଖରେ ଶତ ପ୍ରତିଶତ ଅନୁଦାନ ନିମନ୍ତେ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କୁ ସପ୍ତମ ବେତନରେ ଅନ୍ତର୍ଭୁକ୍ତ କରିବା ଏବଂ ସମସ୍ତ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣର ସର୍ବନିମ୍ନ ଗ୍ରେଡ ପେ ୧୭୦୦ଟଙ୍କା ପ୍ରଦାନ ପ୍ରଭୃତି ଅନେକ କଥା ସରକାର ବିଚାରକୁ ନେଇନଥିବାରୁ ଏହା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ସଙ୍ଘ କହିଛି। ତେଣୁ ସରକାର ଏସମସ୍ତ ବିଷୟ ଗୁଡିକ ସହୃଦୟତାର ସହ ବିଚାର କରି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅବିକଳ ସପ୍ତମ ବେତନ ପ୍ରଦାନ କରିବାକୁ ସଙ୍ଘ ଦାବି କରିଛି। ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଜିଲ୍ଲା ଓଷ୍ଟାର ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ଉପସଭାପତି ଅଶୋକ କୁମାର ପରିଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସରୋଜିନୀ ସ୍ୱାଇଁ, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ, ଶିକ୍ଷକ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ଭାଷ୍କର ନାୟକ, ପ୍ରିୟରଞ୍ଜନ ବିଶ୍ୱାଳ, ମିନତୀ ସ୍ୱାଇଁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ପ୍ରଖ୍ୟାତ ସାହିତ୍ୟିକା ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଶୋକ

ଖୋର୍ଦ୍ଧା (ପିଏନ୍): ପ୍ରଥିତଯଶା ସାହିତ୍ୟିକା, ପ୍ରାଧ୍ୟାପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ସାହିତ୍ୟକୃତୀ ସଂପର୍କରେ ଗାଳ୍ପିକ ଡ. ସୁରେଶ ଛୋଟରାୟ, କବି ଜ୍ଞାନରଂଜନ ଦାଶ, ଗୋବିନ୍ଦ ଚନ୍ଦ୍ର ମହାରଣା, ଇତିଶ୍ରୀ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ଡ. ଚପଳା ପଣ୍ଡା, ରାଜକିଶୋର ବଳିଆରସିଂହ, ସମରେନ୍ଦ୍ର ବଳିଆରସିଂହ, ନାରାୟଣ ଦାସ, ବିଳାସିନୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ପାଟଦେଇ, ବସ୍ତ୍ରହରଣ, ଆରୋହଣ ଭଳି ଗଳ୍ପ ସଂକଳନ; ସୀତାର ଶୋଷିତ, ମନସ୍ୱିନୀ, କୁନ୍ତୀ କୁନ୍ତଳା ଶକୁନ୍ତଳା ଭଳି ଉପନ୍ୟାସ; କବିତା ସଂକଳନ ଆସିବାର ବେଳା; କ୍ରାନ୍ତି, ପ୍ରେମଚାନ୍ଦ, ଗୋଲଡେନ୍ କି' ଭଳି ଉପନ୍ୟାସ ରଚନା କରି ସ୍ୱର୍ଗତା ମହାନ୍ତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତ ଦେଇଥଲେ। ୨୦୧୦ ମସିହା ଏପ୍ରିଲ ୧୪ ତାରିଖ ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀଣାପାଣି ମହାନ୍ତି ଯୋଗଦେଇ ଖୋର୍ଦ୍ଧା ଅଂଚଳର ଭାଷା, ସାହିତ୍ୟ ଓ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ମଣିଷର ମର୍ମ ବେଦନାକୁ ସେ ତିଳେ ତିଳେ ଅନୁଭବ କରି ତଦନୁଯାୟୀ ଲେଖନୀ ଚାଳନା କରିଥିଲେ। ଓଡ଼ିଆ ସାହିତ୍ୟ ଆକାଶରେ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ ମତ ଦେଇଥିଲେ।

## ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରର ଉତ୍କଳ ଗୌରବ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ସମାରୋହ ଏବଂ ପରିଷଦର ବାର୍ଷିକ ଉତ୍ସବ ୨୦୨୨ ବାଲେଶ୍ୱର କଚେରୀ ସ୍ଥିତ ସଦଭାବନା ସଭାଗୃହରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ଧରଣୀ ଧର ନାୟକ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଐର ଖାରବେଳ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୁପ କୁମାର ଦାସ ମଧୁବାବୁଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସଂପାଦକ ବରିଷ୍ଠ ଆଇନଜିବୀ ପୁରୁଷୋତମ ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଅମୃତାଂଶୁ ପଟ୍ଟନାୟକ ବେଦ ପାଠ ଓ ସଙ୍ଗୀତ ଗାନ କରିଥିଲେ। ମଞ୍ଚ ଆବାହନ କରିଥିଲେ ତୁଷାରକାନ୍ତି ମହାପାତ୍ର ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଜ୍ଞାପରମିତା ବିଶ୍ୱାଳ। ଏଥିରେ ଡାକ୍ତର ଶ୍ରୀକାନ୍ତ ମହାନ୍ତି, ବିଶ୍ୱମୋହନ ଦାସ ଓ ଅରୁଣ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରଯାଇ ମାନପତ୍ର ପ୍ରଦାନ କରଯାଇଥିଲା। ମାନପତ୍ର ପାଠ କରିଥିଲେ ଅଖିଳ କୁମାର ଦାସ, ଭାବଗ୍ରାହୀ ମହାନ୍ତି, ଦେବେନ୍ଦ୍ରନାଥ ଦଳ, ସମରେନ୍ଦ୍ର ଦାସ ଓ ଧନ୍ୟବାଦ ଅର୍ପଣ କରିଥିଲେ ସୂର୍ଯ୍ୟକାନ୍ତ କର। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଣିତା ମିଶ୍ର, ପ୍ରମୋଦ ପଣ୍ଡା, ବିନୋଦ ନାୟକ ସୁଭେନ୍ଦୁ ଦାସ, ରୋଜି ପଟ୍ଟନାୟକ, ସତ୍ୟପ୍ରିୟ ମହାନ୍ତି, ଅରୁଣା ରାୟ, ଶ୍ୟାମସୁନ୍ଦର ଜେନା ଓ କ୍ଷୀତେଶ୍ୱର ଦାସ ପ୍ରମୁଖ ସଦସ୍ୟ ସଦସ୍ୟା ମାନେ।

## ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର

ଚଣ୍ଡିଖୋଲ (ପି.ଏନ.)- ବଡ଼ଚଣା ବ୍ଲକ ଶାଳପଡା ପଂଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି.ପଶ୍ଚିମ ବଡ଼ଚଣା ଅଞ୍ଚଳର ଶାଳପଡା ପଂଚାୟତ ଏକ ଆଦିବାସୀ ଅନୁନ୍ନତ ଅଞ୍ଚଳ ହେଇଥିବାରୁ ବିଶେଷକରି ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ବହୁ ଦୂରରେ ଥିବା ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି। ଏହାକୁ ଆଖିଆଗରେ ରଖି ଡାକ୍ତର କୃଷ୍ଣଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ କଟକ ବଡ ମେଡିକାଲର ଶଲ୍ୟବିଶେଷଜ୍ଞ ଡାକ୍ତର କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ୮୪ ଜଣ ମହିଳାଙ୍କ ରକ୍ତ ଶର୍କରା ପରୀକ୍ଷା କରିବାସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ.ବହୁମୁତ୍ର ରୋଗହେଲେ ରୋଗକୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ ସେ ବିଷୟରେ ଶିବିରରେ ପରାମର୍ଶ ଦିଆଯାଇଥିଲା.ଅତି ଗୁରୁତର ରୋଗୀମାନେ କଟକ ବଡମେଡିକାଲ ଯାଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ମାଗଣା ସୁବିଧାର ଲାଭ ଉଠାଇବାକୁ ଡାକ୍ତର ମହାପାତ୍ର ପରାମର୍ଶ ଦେଇଥିଲେ.ଏଥିରେ ପଂଚାୟତର ସରପଂଚ ନମିତା ରାଉତ, ଗ୍ରାମର ମୁରବୀ ସୁଲଭ ଚରଣ ନାୟକ, ଗୋକୁଳାନନ୍ଦ ଶତପଥି, ବସନ୍ତ କୁମାର ରାଉତ,ଲେଥେକା ସରପଂଚ ଓମପ୍ରକାଶ ଦାସ, ଗଣେଶ୍ୱର ପାତ୍ର, ଗନ୍ଧର୍ବ ପାତ୍ର ,କୈଳାଶଚନ୍ଦ୍ର ନାୟକ, ମଦନ ମୋହନ ସେଠ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ। ପ୍ରତିମାସରେ ଥରେ ଡାକ୍ତର ମହାପାତ୍ର ଶାଳପଡ଼ାକୁ ଆସି ରୋଗୀମାନଙ୍କୁ ଦେଖିବା ପାଇଁ ଶିବିରରେ ଘୋଷଣା କରିଥିଲେ।

## ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ଓଡ଼ିଶା ସୀମା ଦେଇ ଯାଇଥିବା ରେଳଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେବାପାଇଁ ଦାବି

ବାଲେଶ୍ୱର (ପିଏନ୍)-ଓଡ଼ିଶାର ସୀମା ତଥା ଛତିସ୍‌ଗଡ଼, ବିହାର, ପଶ୍ଚିମବଙ୍ଗଠାରୁ ଆରମ୍ଭ କରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ପର୍ଯ୍ୟନ୍ତ ଲମ୍ବିଥିବା ରେଳପଥରେ ଥିବା ଓଡ଼ିଆ ଭାଷା ଅଞ୍ଚଳର ଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେଉ ବୋଲି ଦାବି ହୋଇଆସୁଛି। ଏ ଦିଗରେ ବର୍ତ୍ତମାନର ରେଳମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି ବୋଲି ଉତ୍କଳ ସମ୍ମିଳନୀର ଅଧକ୍ଷ ଡ଼. ଅଦୈତ କୁମାର ପାତ୍ର ପ୍ରକାଶ କରିଛନ୍ତି। ଡ଼. ପାତ୍ର ବାଲେଶ୍ୱର ଠାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଅବସରରେ ଏ କଥା ପ୍ରକାଶ କରିଛନ୍ତି। ବାଲେଶ୍ୱରର ସାମ୍ବାଦିକ ଓ ବୁଦ୍ଧିଜୀବୀ ଉକ୍ତ ବୈଠକରେ ଉପସ୍ଥିତ ରହି ଏହାକୁ ସମର୍ଥନ ଜଣାଇବା ସହିତ ମଧୁସୂଦନଙ୍କ ୧୭୫ତମ ଜୟନ୍ତୀ ଦିନ ଏକ ସ୍ମାରକ ପତ୍ର ପ୍ରଦାନ ପାଇଁ ମଧ ପ୍ରସ୍ତାବ ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ସଭାପତି ବୈଦ୍ୟନାଥ ଷଡଙ୍ଗୀ, ସଂପାଦକ କାଳୀପଦ ପଣ୍ଡା, ସଂଗଠନ ସଂପାଦକ ଉତ୍ପଳ ମହାନ୍ତି, ଯୁଗ୍ମ ସଂପାଦିକା ଗୋପାମୁଦ୍ରା ମହାପାତ୍ର, ସଦସ୍ୟା ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ସଦସ୍ୟ ଦିନବନ୍ଧୁ ଲେଙ୍କା, ସତ୍ୟପ୍ରିୟ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ ଓ ବିବିଧ କାର୍ଯ୍ୟକ୍ରମ କରାଯିବା ପାଇଁ ମଧ ପ୍ରସ୍ତାବ ନିଆଯିବା ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଓଡ଼ିଆ ଭାଷା ସୁରକ୍ଷାର ଅନ୍ୟତମ ସେନାପତି ଫକୀରମୋହନଙ୍କର ପୂର୍ଣ୍ଣ ଅବୟବ ପ୍ରତି ଭକ୍ତି ସ୍ଥାପନା ପାଇଁ ଦାବି ହେଉଛି। ଗଡ଼ଗଡ଼ିଆ ଘାଟରେ ରାଧାନାଥଙ୍କ ପ୍ରତିମୂର୍ତ୍ତି ପାଖରେ ମଧୁସୂଦନ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ ଦାବି ହୋଇଛି।

## ଦଳୀୟ ସମର୍ଥକଙ୍କୁ ବିଧାୟକଙ୍କ ମାଡ଼ ଓ ଗାଳି ଅଭିଯୋଗ

ବାଲେଶ୍ୱର (ପିଏନ୍)-ବିଜେଡ଼ିର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା। ବାଲେଶ୍ୱର ସଦର ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀଙ୍କୁ ସଦର ବିଧାୟକ ଓ ତାଙ୍କ କର୍ମୀମାନେ ଗାଳିଗୁଲଜ କରିବା ସହିତ ଧମକାଇଥିବା ପ୍ରତିବାଦରେ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ବିଜେଡ଼ି ସମର୍ଥକଙ୍କ ପକ୍ଷରୁ ବିଜେଡ଼ି ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନାଙ୍କ ଜରିଆରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ମାସ ୨୨ ତାରିଖରେ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ସରିବା ପରେ ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀ ବିଧାୟକଙ୍କୁ ଜୁଣଗଡ଼ିଆ ପାନୀୟ ଜଳ ପ୍ରକଳ୍ପକୁ ଉଦ୍ଘାଟନ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ମାତ୍ର ଦଳବିରୋଧି ଲୋକଙ୍କ କାର୍ଯ୍ୟକ୍ରମକୁ ଯିବେ ନାହିଁ କିମ୍ବା ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଦେବିନାହିଁ ବୋଲି ସେ କହିଥିଲେ। ବିଧାୟକଙ୍କ ଏଭଳି ଅସନ୍ତୋଷଜନକ ଉତ୍ତରରେ ପାଣିଗ୍ରାହୀ କହିଥିଲେ ଆପଣଙ୍କୁ ଆମ୍ଭେମାନେ ଉପନିର୍ବାଚନରେ ଭୋଟ ଦେଇ ଜିତାଇଥିଲୁ ଆପଣ ଏମିତି କାହିକି କହୁଛନ୍ତି। ତୁମେ ଦଳବିରୋଧି ଲୋକ, ତୁମ ସହିତ ମୋର କୌଣସି ସମ୍ପର୍କ ନାହିଁ ବୋଲି ବିଧାୟକ ଦାସ ନିଜ ପ୍ରତିକ୍ରିୟାରେ କହି ବ୍ଲକ ପରିସରରୁ ବାହାରିଯାଇଥିଲେ। ତେବେ ବିଧାୟକଙ୍କ ଯିବାପରେ ତାଙ୍କର ୨ ଜଣ ସହଯୋଗୀ ସତ୍ୟନାରାୟଣ ଦାସ ଓ ଚିଣ୍ଟୁ ବ୍ଲକ ନିକଟକୁ ଯାଇ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିଥିଲେ। ଜୋର ଜବର୍ଦସ୍ତ ବାଇକରେ ବସାଇ ବିଧାୟକଙ୍କ ଘରକୁ ନେଇ ସେଠାରେ ବିଧାୟକଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଓଡ଼ଙ୍ଗୀ ପଞ୍ଚାୟତ ବିଜେଡ଼ି ସମର୍ଥକଙ୍କ ଅଭିଯୋଗକୁ ସଦର ବିଧାୟକ ଖଣ୍ଡନ କରିଛନ୍ତି ଏବଂ ଏହା ମିଥ୍ୟା ବୋଲି କହିଛନ୍ତି।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୨ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉରେ ୫୬ଲିଟର ମହୁଲି ମଦ ସହିତ ୬୦୦ କେ.ଜି. ମହୁଲି ପୋଚ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି । ଅବକାରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଆନନ୍ଦପୁର ଥାନା ଅନ୍ତର୍ଗତ ରାଇପାଳ, କଣ୍ଟିପାଳ, ଶାଳବଣି ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରାମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖିଥିବା ଅନେକ ସରାମ ଓ ଚୋରା ମହୁଲି ମଦ ଜବତ ସହ ଏହି କାରବାରରେ ସମ୍ପୃକ୍ତ ଥିବା ରାଇପାଳ ଗ୍ରାମର ଭୀମ ହୋ ଓ ରାମ ହୋଙ୍କୁ ଗିରଫ କରି ମାମଲା ରୁଜୁ କରାଯାଇଥିଲା । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସାମିଲ ଥିଲେ।

## ପ୍ରକାଶ ପାଇଲା କୋଣାର୍କର ମନୋଜ ଦାସ ବିଶେଷାଙ୍କ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ମାଟିରେ ଜନ୍ମିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ଜୀବନ ଓ କୃତି ଆଧାରିତ କୋଣାର୍କର ବିଶେଷ ସଂଖ୍ୟା ମନୋଜ ଦାସ ବିଶେଷାଙ୍କ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ ପାଇଛି। କରୋନା ମହାମାରୀ ମଧ୍ୟରେ ସାଧକ ମନୋଜ ଦାସଙ୍କ ପରଲୋକ ଗମନ ଘଟିଥିବାରୁ ତାଙ୍କର ଶେଷକୃତ୍ୟ ପଣ୍ଡିଚେରୀ ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା ବେଳେ ରାଜ୍ୟ ସରକାର ଏଇ ମହାନ ଓଡ଼ିଆ ଲେଖକଙ୍କ ପୁଣ୍ୟସ୍ମୃତିରେ ତାଙ୍କର ଜନ୍ମପୀଠ ଭୋଗରାଇ ଶଙ୍ଖାରୀ ଗ୍ରାମ ସ୍ଥିତ ବାସଭବନକୁ ସ୍ମାରକୀସ୍ଥଳ ଘୋଷଣା କରିଥିବା ବେଳେ ସାହିତ୍ୟ ଏକାଡ଼େମୀ ତାର ମୁଖପତ୍ର କୋଣାର୍କର ୨୦୩ତମ ସଂଖ୍ୟାକୁ ମନୋଜ ଦାସ ବିଶେଷାଙ୍କ ରୂପେ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାର ୩୬ ଜଣ ଗବେଷକ ଓ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ କାଳଜୟୀ ସୃଷ୍ଟିର ସମୀକ୍ଷା ସହ ତାଙ୍କ ସହ ବିତାଇଥିବା ଘଟଣାକୁ ନିଜ ନିଜର ଆଲେଖ୍ୟରେ ପ୍ରକାଶ କରାଇଛନ୍ତି। ମନୋଜ ଦାସଙ୍କ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଜିଜ୍ଞାସୁ ପାଠକ, ଛାତ୍ରଛାତ୍ରୀ ଓ ଗବେଷକଙ୍କ ପକ୍ଷରେ ଏହା ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି। ଆଗ୍ରହୀ ମନୋଜପ୍ରେମୀ ପାଠକଙ୍କ ପାଇଁ ଏହାକୁ ସଂଗ୍ରହ କରିବା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ସହ ବାଲେଶ୍ୱର ଜିଲ୍ଲାର ଆଗ୍ରହୀ ପାଠକ ମାନେ ସାହିତ୍ୟ ଏକାଡ଼େମୀର ସଦସ୍ୟ କାଳୀପଦ ପଣ୍ଡାଙ୍କ ବାଲେଶ୍ୱର ସହରସ୍ଥ ନେଳିଆବାଗ ବାସଭବନ ଠିକଣାରେ ଯୋଗାଯୋଗ କରିବାକୁ ଶ୍ରୀ ପଣ୍ଡା ଅନୁରୋଧ ଜଣାଇଛନ୍ତି।

## ବାଙ୍କୀ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶିବିର ଅନୁଷ୍ଠିତ



ବାଙ୍କୀ (ପିଏନ୍)- ବାଙ୍କୀ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ବୈଦ୍ୟେଶ୍ୱର ଉପସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟ ଠାରେ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଆଜାଦିକି ଅମୃତ ମହୋତ୍ସବ ଅବସରରେ ଏକ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟମେଳାକୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତି ସଭ୍ୟ ମହେଶ୍ୱର ମହାପାତ୍ର, ଶିକ୍ଷାବିତ୍ କାଳନ୍ଦୀ ସାହୁ, ରୋଗୀକଲ୍ୟାଣ ସମିତି ସଦସ୍ୟ ଅନନ୍ତ ଦାସ, ପ୍ରମୁଖ ଯୋଗଦେଇଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ବିଭାଗ ଯଥା ହୃଦରୋଗ, ଭେଷଜ ତଥା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୭୪୮ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏଥିନେଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟମେଳାକୁ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍. ସଂଗୀତା ଦାଶ, ସଂପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ, ସୁପରଭାଇଜର ମାନଭଞ୍ଜନ ଦଳେଇ, ଫାର୍ମାଶିଷ୍ଟ୍ ସନ୍ତୋଷ ସାହୁ, ଡାଟା ମ୍ୟାନେଜର ଆଶିଷ ବିଭୂତି ରାୟ ଏହାକୁ ପରିଚାଳନା କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବ୍ରହ୍ମାକୁମାରୀସ୍ ଓମ୍ ନିବାସରେ ୪୮ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି



ଭୁବନେଶ୍ୱର,(ପି.ଏନ) : ବ୍ରହ୍ମାକୁମାରୀଜ୍, ଓମ୍ ନିବାସର ୪୮ତମ ବାର୍ଷିକ ଉତ୍ସବ ପାଳନ ତା ୨୧.୦୧.୨୦୨୪ରିଖ ରବିବାର ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଥମେ ସ୍ୱାଗତ ଗୀତ ବି.କେ. ଭାନୁଲତା ଓ ସ୍ୱାଗତ ନୃତ୍ୟ ପ୍ରାଚୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ତା'ପରେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଭିଡ଼ିଓ ପ୍ରଦର୍ଶନୀ ମାଧ୍ୟମରେ ବାର୍ଷିକ ରିପୋର୍ଟର ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ଅରବିନ୍ଦ ଡାଲି, ମାନ୍ୟବର ଜୟଦେବ ବିଧାୟକ, ମୁଖ୍ୟବକ୍ତା ଭାବେ ମାଉ ଆବୁର ଆସିଥିବା ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଆତ୍ମପ୍ରକାଶ ଭାଇ ଯୋଗଦେଇ ସଂସ୍ଥା ଦ୍ୱାରା ପ୍ରଦ ରାଜଯୋଗର ମହ ୍ୱକୁ ପ୍ରତିବାଦିତ କରିଥିଲେ ଓ ରାଜଯୋଗ ମେଡିଟେସନ୍‌ର ଅନୁଭୂତି କରାଇଥିଲେ । ସମ୍ମାନନୀୟ ଅତିଥି ଭାବେ ଲୋକାୟୁକ୍ତ ସଭ୍ୟ ଶ୍ରୀଯୁକ୍ତ ଦେବବ୍ରତ ସ୍ୱାଇଁ, ଲୋକାୟୁକ୍ତ ଇନ୍‌କ୍ୱାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ତ୍ରିଲୋଚନ ପ୍ରଧାନ (ଆଇ.ଏ.ଏସ୍.), ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍‌ର ପ୍ରିନ୍ସିପାଲ୍ ପ୍ରଫେସର ପି.ସି. ଅଗରୱାଲ୍ ଓ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଶ୍ରୀଯୁକ୍ତ ଯୁଗଳ କିଶୋର ସାହୁ ଯୋଗଦେଇ ସଂସ୍ଥାର ବିଶ୍ୱବ୍ୟାପୀ ସେବା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ସହରର ବିଭିନ୍ନ ପ୍ରାନ୍ତରୁ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁ କଳାକାରମାନେ ନିଜର ନୃତ୍ୟ ପରିବେଷଣ କରି ସମସ୍ତଙ୍କର ମନ ମୁଗ୍ଧ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ମୁଖ୍ୟ ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ । ଏତଦ୍‌ବ୍ୟତୀତ ନ୍ୟାସ୍‌ନାଲ୍ କାମ୍ପେନିଙ୍ଗ୍ "ୟୁଥ୍ ଇଣ୍ଡିଆ ହେଲ୍‌ଦି ଇଣ୍ଡିଆ"ର ଶୁଭାରମ୍ଭ କରାଯାଇଥିଲା । ଏଥିରେ ପ୍ରାୟ ୧୦୦ ଜଣ ଯୁବା ଭାଇ ଭଉଣୀ ଯୋଗ ଦେଇଥିଲେ ।

# ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହେଲା ମାଷ୍ଟର କ୍ୟାଣ୍ଟିନରେ

ଭୁବନେଶ୍ୱର,(ପି.ଏନ): ଅଯୋଧ୍ୟାରେ ଆଜି ରାମ ମନ୍ଦିରରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପିତ ହେବା ସମୟରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ଗାନ୍ଧୀବାଦୀ ଡାକ୍ତର ବିଶ୍ୱଜିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ କହିଲେ ଯେ, ରାମ ଭାରତୀୟ ମାନଙ୍କର ଆରାଧ୍ୟ । ଭାରତୀୟମାନଙ୍କର ହୃଦୟରେ ସେ ଥାଆନ୍ତି । ମହାତ୍ମା ଗାନ୍ଧୀ ରାମଙ୍କର ଜଣେ ସଚ୍ଚା ଭକ୍ତ । ଜୀବନବ୍ୟାପୀ ରାମାୟଣ, ରାମନାମ, ରାମଧୂନ ଜପ କରି ରାମରାଜ୍ୟ ପାଇଁ ସଂଗ୍ରାମ କରୁଥିବା ମହାତ୍ମା ଗାନ୍ଧୀ ଗୁଳିବିଦ୍ଧ ଅବସ୍ଥାରେ ସୁଦ୍ଧା ହେ ରାମ କହି ସେ ଯେ, ରାମଙ୍କର ଅନନ୍ୟ ଭକ୍ତ ତାହା ପ୍ରମାଣ କରିପାରିଛନ୍ତି । ଗାନ୍ଧୀଜୀ ସବୁ ଧର୍ମକୁ ଏକ ଦୃଷ୍ଟିରେ ଦେଖୁଥିଲେ । ଆଲ୍ଲା, ଯୀଶୁ ଓ ରାମଙ୍କ ମଧ୍ୟରେ ସେ କୌଣସି ଫରକ ଦେଖୁନଥିଲେ । ଭାରତ ବର୍ଷ ସମ୍ବିଧାନ ଆଧାରରେ ଚାଲୁଥିବା ବେଳେ, ଭାରତର ପ୍ରଧାନମନ୍ତ୍ରୀ ରାମମନ୍ଦିର ପ୍ରତିଷ୍ଠା ଆଳରେ ରାମଙ୍କର ରାଜନୀତିକରଣ କରିବା ଗ୍ରହଣୀୟ ନୁହେଁ । ଧର୍ମ ଆଚରଣ ଏକ ବ୍ୟକ୍ତିଗତ ବିଚାର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଓ ଭାରତୀୟ ଜନତା ପାର୍ଟି ତଥା ଅନ୍ୟ ହିନ୍ଦୁତ୍ୱବାଦୀ ସଙ୍ଗଠନମାନେ ଏହାକୁ ଏକ ନିର୍ବାଚନୀ ଅସ୍ତ୍ର ରୂପେ ବ୍ୟବହାର କରିବା ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ବୋଲି ସଭାରେ ଉପସ୍ଥିତ ଆଧ୍ୟାତ୍ମିକ ଦର୍ଶନର ଲେଖକ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରଫେସର ମନୋରଞ୍ଜନ ମହାନ୍ତି, ବିଜୟ କୁମାର ତ୍ରିପାଠୀ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଦେବପ୍ରସାଦ ରାୟ, ସନ୍ତୋଷ ଦାସ, ସୁରେଶ ପାଣିଗ୍ରାହୀ, ଡ. ବିଦ୍ୟୁତଲତା ମହାନ୍ତି, ଜୟନ୍ତ କୁମାର ଦାସ, ସୁଶାନ୍ତ ମହାପାତ୍ର, ଅନ୍ତର୍ଯାମୀ ବରାଳ, ନିରୁପମା ପାଣୀ, ସତୀଶ ମିଶ୍ର, ଅଶୋକ କୁମାର ସାହୁ, ଅନିମା ରାୟ, ଅରୁଣ କୁମାର ଜେନା, ସଙ୍ଘମିତ୍ରା ଜେନା, ସଂଗ୍ରାମ ମାଝି ପ୍ରମୁଖ କହିଥିଲେ ।ସଭା ପ୍ରାରମ୍ଭରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ସର୍ବ ଧର୍ମ ପ୍ରାର୍ଥନା ଆୟୋଜିତ କରାହୋଇଥିଲା । ଗାନ୍ଧୀଙ୍କ ରାମ ପୁସ୍ତକର ଅନୁବାଦକ ଜୟନ୍ତ କୁମାର ଦାସ ଓ ସମ୍ପାଦକ ମିହିର ପ୍ରତାପ ଦାସ ସଭାରେ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ରାଷ୍ଟ୍ରୀୟ ଯୁବା ସଂଗଠନର ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଦେଇଥିଲେ ଓ ମାନସ ପଟ୍ଟନାୟକ ସଭା ସଂଚାଳନ କରିଥିଲେ ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧୀଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ର୍ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକା

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କ ାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କ ାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କ ାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଚିକିତ୍ସା ଅଭାବରୁ ତିନି ବର୍ଷ ହେଲା ଖଟରେ ଶୋଇ ରହିଛନ୍ତି ରୁଆବତୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ବୁଡୁରିକିଆ ପଂଚାୟତ ମାଦିନାଟ ପସାରୀ ସାହିରେ ରୁଆବତୀ ମଲ୍ଲିକ (୪୫)ଖଟରେ ପଡି ରହି କଷ୍ଟ ପାଉଛନ୍ତି ପ୍ରତି ମାସରେ ସ୍ତ୍ରୀ ରୋଗ ଜନିତ ସମସ୍ୟା ଦେଖାଯାଉଛି ବୋଲି କହିଛନ୍ତି । ଏନେଇ ତାଙ୍କର ଦେହ ଶୁଖି ଶୁଖି ଯାଉଛି,ସ୍ୱାମୀ ଏବଂ ତିନୋଟି ପୁଅ ଗୋଟିଏ ଝିଅ ସହ ରୁହନ୍ତି । ସ୍ୱାମୀ ଦିନ ମଜୁରିଆ ଭାବେ କାମ କରି ଘର ଚଳାଉଛନ୍ତି । ପିଲାମାନଙ୍କ ପାଠ ପଢ଼ାରେ ଏବଂ ଘର ଖର୍ଚ୍ଚ କରି ବଳକା ହେଲେ କିଛି ଔଷଧ କିଣିବାକୁ ଅସମର୍ଥ ଅଟନ୍ତି । ସବୁ ମାସରେ ଔଷଧ କିଣିବାକୁ ଅର୍ଥ ଯୋଗାଡ ହୋଇପାରେ ନାହିଁ । ରୁଆବତୀଙ୍କ ସ୍ୱାମୀ ନାଜିରା ମଲ୍ଲିକ କହିବା ଅନୁଯାୟୀ ସେ ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଧରି ବାଲିଗୁଡା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ । ସେଠାରେ ମଧ ସେହି ସମସ୍ୟା ମୁଖ୍ୟ ଡାକ୍ତରଖାନର ଡାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ । ନାଜିରାଙ୍କ ପାଖରେ ବ୍ରହ୍ମପୁର ନେବାପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେହିଦିନଠାରୁ ରୁଆବତୀ ଖଟରେ ଜୀବନ ବିତାଉଛନ୍ତି । ତାଙ୍କ ଦୁଃଖରେ ସ୍ୱାମୀ ମଧ ଭାଙ୍ଗି ପଡିଛନ୍ତି । ସେ କହିଛନ୍ତି ସରକାର ଏତେ ଯୋଜନା କରିଛନ୍ତି ଅଥଚ ଆମ ଭଳିଆ ଗରିବ ଆଦିବାସୀଙ୍କ ନିକଟକୁ କାହିଁକି ପହଂଚିପାରୁ ନାହିଁ । ନେତା ରାଜନେତା ସମସ୍ତେ ଆସନ୍ତି ଭୋଟ ନେବାକୁ ହେଲେ ଆମ ଗୁହାରୀ କେହି ଶୁଣୁ ନାହାନ୍ତି । ତେଣୁ ସରକାରଙ୍କ ତରଫରୁ ଜଦି କିଛି ସହାୟତା ମିଳିପାରନ୍ତା ମୋ ସ୍ତ୍ରୀ ନିଶ୍ଚୟ ଭଲ ହୋଇପାରନ୍ତା ବୋଲି କହିଛନ୍ତି ଗରିବ ଆଦିବାସୀ ନାଜିରା ।

## ଘଟଗାଁଅ ଲରେ କରୋନା ପରୀକ୍ଷା କେନ୍ଦ୍ର ଖୋଲିବାକୁ ଦାବି

ଗୋଳାବନ୍ଧ(ପିଏନ)-ଗତ କିଛିଦିନ ତଳେ ଘଟଗାଁ ବ୍ଲକ ଖୁ । ଗ୍ରାମର ବିଭୁ ଶତପଥି ନାମକ ଜଣେ ଯୁବକ ତାଙ୍କ ଆଙ୍ଗୁଳୀ ସର୍ଜରୀ କରିବା ପାଇଁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିବା ବେଳେ ତାଙ୍କର କରୋନା ପଜିଟିଭ୍ ବାହାରିବାରୁ ଉଚିତ୍ ଔଷଧ ପ୍ରଦାନ କରି ତାଙ୍କୁ ଘରକୁ ଫେରାଇ ଦେଇଥିଲେ ଏବଂ କରୋନା ଭଲ ହେବାପରେ ଆଙ୍ଗୁଳି ସର୍ଜରି କରିବାକୁ କହିଥିଲେ । ସେ ଘରେ ପହଂଚି ପରିବାର ଲୋକ ସମସ୍ତଙ୍କ କରୋନା ପରୀକ୍ଷା କରିବାକୁ ଚାହିଁଥେଲ ମଧ ବିଫଳ ହୋଇଥିଲେ । କାରଣ ଘଟଗାଁରେ ସେଭଳି ସୁବିଧା ନଥିବା ବେଳେ କୌଣସି ଗାଡି ବାଲା କେନ୍ଦୁଝରକୁ ନେବାପାଇଁ ରାଜି ହୋଇ ନଥିଲେ । ଶ୍ରୀ ଶତପଥି ନିଜର ସମସ୍ୟା ଆମକୁ ଜଣାଇବା ପରେ ଆମେ ଘଟଗାଁ ଡାକ୍ତରଖାନାର ମୁଖ୍ୟ ଡାଃ ମୁକ୍ତିକାନ୍ତ ନାୟକ ଏବଂ ଏବିଡିଓ ଚି ରଞ୍ଜନ ନାୟକଙ୍କୁ ଯୋଗାଯୋଗ କରିଥିଲୁ ଏବଂ ଶ୍ରୀ ଶତପଥିଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ କେନ୍ଦୁଝର ନେବାର ବନ୍ଦୋବସ୍ତ କରି କରୋନା କରୀକ୍ଷା କରାଇଥିଲେ । ରିପୋର୍ଟ ଆସିବା ପର୍ଯ୍ୟନ୍ତ ହୋମ୍ କ୍ୱାରେ ାଇନ୍‌ରେ ରହିବାକୁ ପରାମର୍ଶ ଦେଇଥିଲେ । ତେଣୁ ପରିବାରର ସମସ୍ତ ସଦସ୍ୟ ଆଶ୍ୱସ୍ତି ଅନୁଭବ କରିବା ସହ ଏପରି କ ବ୍ୟନିଷ୍ଠା ଡାକ୍ତର ଶ୍ରୀ ନାୟକ ଏବଂ ଏବିଡିଓ ଶ୍ରୀ ନାୟକଙ୍କୁ ଧନ୍ୟବାଦ ଦେଇଥିଲେ । ତେଣୁ ଆଗାମୀ ଦିନରେ ଘଟଗାଁ ଅଂଚଳ ଜନସାଧାରଣ ଏପରି ଅସୁବିଧାର ସମ୍ମୁଖୀନ ନହେବା ପାଇଁ କରୋନା ପରୀକ୍ଷା କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି ।

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି । ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ ।

# ବାଲିଆଗୋଡା ସର୍ଭିସ୍ ରୋଡ୍ ପାଲଟିଛି ମରଣଯନ୍ତା, କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



କେନ୍ଦୁଝର(ପିଏନ)-କଥାରେ ଅଛି ଦେଲା ପୁଅ ଗେହ୍ଲା ନ ଦେଲା ପୁଅ ମଲା । କିନ୍ତୁ କେନ୍ଦୁଝର ଜିଲ୍ଲା ପାଇଁ ଏହି ଉକ୍ତିଟି ସମ୍ପୂର୍ଣ୍ଣ ବିପରୀତ । ରାଜ୍ୟ ରାଜକୋଷକୁ ସିଂହ ଭାଗର ରାଜସ୍ୱ ଦେଇ ଆସୁଥିବା କେନ୍ଦୁଝର ଜିଲ୍ଲା ସେଦିନ ଅବେହଳିତ ଥିଲା ଆଜି ବି ଅବହେଳିତ ହୋଇ ପଡି ରହିଛି । ଏଠାରେ ନାଁ ଅଛି ବିକାଶ ନାଁ ଅଛି ପ୍ରଗତୀ, ଏଠାରେ ପ୍ରାୟତଃ ସରକାରଙ୍କ ଯୋଜନା ପ୍ରଚାର ପ୍ରସାରରେ ସୀମିତ । ଯାହା କେନ୍ଦୁଝର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ବାଲିଆଗୋଡା ସ୍ଥିତ ସର୍ଭିସ୍ ରୋଡ୍‌କୁ ଦେଖିଲେ ସହଜରେ ଜଣା ପଡିଯାଉଛି । କେନ୍ଦୁଝର ଜିଲ୍ଲା ଖଣିଜ ସାମଗ୍ରୀରେ ଭରପୁର ଥିବାରୁ ପ୍ରାୟ ସବୁଦିନ ଏହି ରାସ୍ତା ଦେଇ ଶହ ଶହ ଟ୍ରିପ୍ ଖଣିଜ ସାମଗ୍ରୀ ପରିବହନ ହୋଇଥାଏ । କିନ୍ତୁ ଯେଉଁ ରାସ୍ତା ପାଇଁ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଇଥାଏ ସେହି ରାସ୍ତାର ଅବସ୍ଥା ସ୍ୱ ଚକ୍ଷୁରେ ନ ଦେଖିଲେ ବିଶ୍ୱସ ହେବନାହିଁ । ବିଶେଷ କରି ବାଲିଆଗୋଡା ଠାରେ ଥିବା ସର୍ଭିସ ରୋଡ୍‌ରେ ପ୍ରାୟ ୩ଫୁଟର ଖାଲ ହେବା ଫଳରେ ମୋଟରସାଇକେଲ ବି ଆସିବା କଷ୍ଟକର ହୋଇ ପଡିଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତା ଦେଇ ସିରିୟସ ରୋଗିଟିଏକୁ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଂଚି ନପାରିବା ପ୍ରଶାସନର ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ରାସ୍ତା ଦେଇ ଅଟୋ କିମ୍ବା ଚାରି ଚକିଆ ଯାନ ଆସିପାରୁ ନଥିବା ବେଳେ ଭାରୀଯାନ ଜୋର ଜବରସ୍ତ ଆସିବା ଯୋଗୁଁ ରାସ୍ତାର ଖାଲରେ ପଡି ଯାନ୍ତ୍ରୀକ ତ୍ରୁଟି ହେବା ଫଳରେ ଦିନ ଦିନ ଧରି ରାସ୍ତା ଉପରେ ଅଟକି ରହୁଛି । ଫଳରେ ଅନେକ ସମୟରେ ରାସ୍ତା ଜାମ୍ ରହିବା ଯୋଗୁଁ ସାଧାରଣ ଜନତା ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ ହଜାର ହଜାର କୋଟି ଟଙ୍କା ଗଚ୍ଛିତ ଥିବାବେଳେ ସଦର ମହକୁମା ଠାରୁ ମାତ୍ର ୩କି.ମି. ଦୂରରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । କହିବାକୁ ଗଲେ ପ୍ରଶାସନର ଉଦାସିନତା ଯୋଗୁଁ ଏହି ରାସ୍ତା ଏବେ ପାଲଟିଛି ମରଣଯନ୍ତା । କାରଣ ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କିଛିଦିନ ପୂର୍ବରୁ ପ୍ରଶାସନ ତରଫରୁ କିଛି ଚିପ୍ସ ଓ ବଜୁରୀ ରାସ୍ତାରେ ପକାଇ ଦେଇ ନିଜର କ ବ୍ୟ ସାରି ଦେଇଥିଲେ । କିନ୍ତୁ ଏହା ୧୫ଦିନ ମଧ୍ୟରେ ଅବସ୍ଥା ପୁଣି ଯଥା ପୂର୍ବଂ ତଥା ପରଂ । ଯଦି କେନ୍ଦୁଝର ମହକୁମାରୁ ଚମ୍ପୁଆ, ଝୁମ୍ପୁରା, ଯୋଡା, ବଡବିଲ ଆଦି ମହତ୍ୱପୂର୍ଣ୍ଣ ଜାଗାକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତାର ଅବସ୍ଥା ଏୟା ତେବେ ଗାଁ ଗହଳି ମାନଙ୍କର ରାସ୍ତାର ଅବସ୍ଥା କଣ ହୋଇଥିବ ସହଜରେ ଅନୁମାନ କରି ହେଉଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

# ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବ ିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବ ିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ। କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭି ିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ। ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା। କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି। ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବ ିତ ହୋଇଛନ୍ତି। ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ। ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ। ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବ ିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ



ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday July 16, 2024 ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୧୬,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବାହୁଡା ଯାତ୍ରାରେ ପାରାଦୀପ ଏନ.ସି.ସି. କ୍ୟାଡେଟ ମାନଙ୍କର ସମାଜ ସେବା କାର୍ଯ୍ୟ

ପାରାଦୀପ,(ପି.ଏନ); ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ.ସି.ସି କ୍ୟାଡେଟ ଓ ଏନ.ସି.ସି. ଆଲୁମୁନି ଆସୋସିଏସନ ମିଳିତ ଆନୁକୂଲ୍ୟରେ ଭକ୍ତ ମାନଙ୍କ ପାଇଁ ଦହି ସର୍ବତ ବଣ୍ଟନ କରାଯିବା ସହ ରାଜ ପଥର ସଫେଇ କାର୍ଯ୍ୟ ପ୍ରଭୃତି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ ଯୋଗଦେଇ ଏହି ସେବା କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏହି



ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦାସ ମହାବିଦ୍ୟାଳୟର କ୍ୟାଡେଟ ମାନଙ୍କୁ ଦେଶର ଗଠନ ମୂଳକ କାର୍ଯ୍ୟରେ ନିଜକୁ କିପରି ସମର୍ପଣ କରି ଦେଶ ମାତୃକାର ସେବା କରି ହେବ ସେ ସମ୍ପର୍କରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ ।ପ୍ରତ୍ୟକ ବର୍ଷ ବାହୁଡା ଯାତ୍ରା ରେ ଏନ.ସି.ସି କ୍ୟାଡେଟ ମାନଙ୍କର ନିରବଛିନ୍ନ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକର୍ମ ମହାବିଦ୍ୟାଳୟ ଏନ.ସି.ସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଙ୍କ ନେତୃତ୍ୱ ଏବଂ ଏନ.ସି.ସି ଆଲୁମୁନି ଆସୋସିଏସନ ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ସହ ସମ୍ପାଦକ ଏନ.ସିମାଞ୍ଚଳମ ଓ ଅନାନ୍ୟା କର୍ମକର୍ତା ମାନଙ୍କ ସହଯୋଗରେ ସଫଳତାର ପରିଚାଳନା କରାଯାଇଥିଲା ।

# ବିଶାଖାପାଟଣା ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ବିଶାଖାପାଟଣା,(ପି.ଏନ): ବିଶାଖାପାଟଣାଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଲସନସ ବେ କଲୋନୀସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପ ଉପରେ ବିରାଜମାନ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା । ଦିନ ୪ ଟା ବେଳେ ଚାରି ଠାକୁରଙ୍କୁ ବାଦ୍ୟ ଓ କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଏହାପରେ ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ । ସନ୍ଧ୍ୟା ପାଞ୍ଚଟା ବେଳେ ରଥ ଟଣାର ଶୁଭାରମ୍ଭ କରଯାଇଥିଲା । ଉପସ୍ଥିତ ଭକ୍ତଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦ୍ୟୁମନ୍ଦ ଆବାଜ ମଧ୍ୟରେ ବିଶାଖାପାଟଣାର ରାଜ ରାସ୍ତାରେ ରାଜକୀୟଠାଣିରେ



ମହାପ୍ରଭୁଙ୍କର ରଥ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା । ଚଳିତ ବର୍ଷ ବାହୁଡା ଯାତ୍ରାର ବିଶେଷ ଆକର୍ଷଣ,ବଲାଙ୍ଗୀରରୁ ଆସିଥିବା ଦୁଲଦୁଲି ଟ୍ରୁପ ର ମନୋରଞ୍ଜକ ଢୋଲକ ବାଦନ ଏବଂ ସ୍ଥାନୀୟ ମହିଳା କଳାକାର ମାନଙ୍କ ଦ୍ୱାରା ପରିବେଷିତ ହୃଦୟସ୍ପର୍ଶୀ କୋଟଲମ ନୃତ୍ୟ ଥିଲା ଓ ରଥଟିକୁ ଶାନ୍ତି ଆଶ୍ରମ, ଭୁଡ଼ା ପାର୍କ, ଏୟୁ ଗେଟ୍, ଭୁଡ଼ା ଚିଲେଡ୍ରେନସ ଆରେନା ଏବଂ ଆକାଶବାଣୀ ବାଟ ଦେଇ ଟଣା ଯାଇ ଦଶପଲ୍ଲା ପାହଡିରେ ଥିବା ମୁଖ୍ୟ ମନ୍ଦିରକୁ ରାତି ୮ ଟା ସୁଦ୍ଧା ଅଣା ଯାଇଥିଲା । ଏଠାରେ ରକ୍ଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ । କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା । ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଞ୍ଚସ୍ଥ କରଯାଇଥିଲା । ଏହା ପରେ ଦିଅଁ ମାନଙ୍କୁ ରୋଷଣୀ କରାଯାଇ ରଥ ଉପରୁ ମୁଖ୍ୟ ମନ୍ଦିରକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା । ଚଳିତ ବର୍ଷର ଉତ୍ସବ ଆୟୋଜନରେ ସ୍ଥାନୀୟ ମାରୱାଡି ଯୁବ ମଞ୍ଚ ଏବଂ ଗୁରୁଦ୍ୱାର ସାଧୁ ସଙ୍ଗତ ସକ୍ରୀୟ ସହଯୋଗ କରିଥିଲେ । ବାହୁଡ଼ା ଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନା କରିବାରେ ମନ୍ଦିର କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ, ସାଧାରଣ ସଂପାଦକ ବିମଳ କୁମାର ମହନ୍ତ, ଉପ-ସଭାପତି ଡଃ କରୁଣାକର ପାଢ଼ୀ ତଥା ସଦସ୍ୟ ବିଜୟ ମହାପାତ୍ର ଓ ରାଜେନ୍ଦ୍ର ପ୍ରସାଦସାହୁ,ବନମାଳୀ ସାହୁ ଓ ଅରୁଣ ଦାସ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ସାଧାରଣ ବିଜ୍ଞପ୍ତି

ଏତ ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ନାଗଶ୍ୱରୀ ମାଇନ୍ସ କୁ ରାଜି ହୋଇଛନ୍ତି ନାଗେଶ୍ୱରୀ ପାହାଡ଼ ଚତୁର୍ପାଶ୍ୱ ବସବାସ କରୁଥିବା ପାଞ୍ଚଗୋଟି ଗ୍ରାମ ପଞ୍ଚାୟତ ତଥା ବାଲଡା, ଚିଲାମ, ସୋପୁଟ, ଖାଡପୁଟ, ତାଇଁତର , କିତବା, ସମିଲି, ବାନୁର, ବଦରଗଡ, ଅତଣ୍ଡା ଏବଂ ବରେଙ୍ଗପାଲି ତରଫରୁ ଜମି ପାଇଁ ସର୍ଭେ ସଂଖ୍ୟା ସହିତ ଓଡିଶା ରାଜ୍ୟରେ ୩୬୫.୫୦୧ ଏକର କ୍ଷେତ୍ର ଯାହାକି ପ୍ରତିନିଧିତ୍ ହୋଇଛି ଯେ ଖାତ ନଂ 14,09,08,18,23,16,27 / 25,26,31,23,51,32, 50,03,39,60,26,7,11,86 / 18,17,86 / 69,65, 86 / 230,86 / 9,86 / 26,86 / 136,86 / 137,86 / 138, 86 / 324,34,86 / 334,86 / 27,86 / 223,86 / 332,86 / 13 8,22,51,29,86 / 112,36,86 / 173,53,86 / 329,86 / 324,86 / 328,86 / 30,58,86 / 331,86 / 83,86 / 109,30, 16,86 / 42,77,40 / 2,15,40 / 07,40 / 03,40 / 213,40 / 220,19,29,40 / 11,40 / 10,40 / 117,40 / 04,40 / 21 4,22,33,40 / 85,40 / 5,10,17,15 24 / 14, 10, 13, 22, 05, 09, 52, 33, 32, 35,72,34,20 / 12,21,14,04,23 / 06, 23 / 43,22,07,16 [ସୟିଡ୍ ପ୍ରପର୍ଟି]

ଏହା ସାଧାରଣତ ଜନସାଧାରଣଙ୍କୁ ସୂଚିତ କରାଯାଇଛି ଯେ ସମ୍ପତି କୁ ଯେକୌଣସି ବ୍ୟକ୍ତିଙ୍କର କୌଣସି ପ୍ରକୃତିର ଅଧିକାର, ଆଖ୍ୟା, ଆଗ୍ରହ, ଦାବି କିମ୍ବା ଚାହିଦା ଥିବା ଯେକୌ ଣସି ପ୍ରକାରେ ଉକ୍ତ ସମ୍ପତ୍ତି ଉପରେ ଏହାର ଆପତ୍ତି ଉଠାଇବାକୁ ଅନୁରୋଧ କରାଯାଇଛି । ଏହାର ଡକ୍ୟୁମେଣ୍ଟାରୀ ପ୍ରୁଫ୍ ସହିତ SHAILESH KUMAR RAI, ଆଡଭୋକେଟ୍, ବମ୍ବେ ହାଇକୋର୍ଟ, କେଡିଆ ଚାମ୍ବର,

ଓପ ଶାନ୍ତନାଥ ସପିଂ ସେଣ୍ଟର, ଏସ୍ ଭି ରୋଡ୍, ମାଲାଡ୍, ପଶ୍ଚିମ, ମୁମ୍ବାଇ, 400064, ମୋବାଇଲ୍ ନଂ 9967138074, ଇମେଲ୍ ID: skraivakil@gmail.com।

ଏଠାରେ ପ୍ରକାଶିତ ତାରିଖ ଠାରୁ ୧୪ ଦିନ ମଧ୍ୟରେ ବିଫଳ ହେବ ଯେଉଁଥିରେ ଆପତ୍ତି ଦାବୀ ଏବଂ କୌଣସି ଅଭିଯୋଗ ଦାବିକୁ କୌଣସି ସନ୍ଦର୍ଭ ବିନା ଭୁଲ ମଣା ସମାପ୍ତ ହେବ

ଛାଡି ଦିଆଯିବ କିମ୍ବା ଛାଡ କରାଯିବ ବୋଲି ଧରାଯିବ ।

# ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ



ଭୁବନେଶ୍ୱର,(ପି.ଏନ): ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ଆଜି ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସଂପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା । ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ । ଶ୍ରୀବାଣୀକ୍ଷେତ୍ରର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି । ତିନି ରଥକୁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା । ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ । ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା ।

## ପଦୋନ୍ନତି ନିୟମ, ଚାକିରୀ ସର୍ତାବଳୀ ଓ ଖାଲିଥିବା ପଦବୀ ପୂରଣ ନ ହେଲେ ଭାରତୀୟ ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ

ଭୁବନେଶ୍ୱର,(ପି.ଏନ): ସଂପ୍ରତି ଇଣ୍ଡିଆନ ବ୍ୟାଙ୍କ ଆସୋସିଏସନ ସହିତ ସମସ୍ତ ବ୍ୟାଙ୍କ କର୍ମଚାରୀ ସଂଗଠନର ଚୁକ୍ତି ହେଲା ପରେ ଭାରତୀୟ ଗ୍ରାମ୍ୟ ବ୍ୟାଙ୍କ ଅଫିସର ଓ କର୍ମଚାରୀମାନେ ଦରମା ଭତାରେ ୧୫ ପ୍ରତିଶତ ଓ ଆଲାଉନସ୍ ମିଶାଇଲେ ୧୯ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ମଜୁରୀ ପାଇବେ । କେନ୍ଦ୍ର ସରକାରଙ୍କର ଆଦେଶ ଅନୁଯାୟୀ ସ୍ପୋନସ୍‌ର ବ୍ୟାଙ୍କମାନେ ଦରମା ସହିତ ସମାନ ଭାବେ ଗ୍ରାମ୍ୟବ୍ୟାଙ୍କ କର୍ମଚାରୀମାନେ ଜାତୀୟକରଣ କର୍ମଚାରୀମାନଙ୍କ ସହିତ ସମାନ ହାରରେ ଭତ୍ତା ପାଇବେ । ମାତ୍ର ବିଭିନ୍ନ ଗ୍ରାମୀଣ ବ୍ୟାଙ୍କରେ ବିଭିନ୍ନ ପଦବୀ ଖାଲିଥିଲେ ମଧ୍ୟ ପଦବୀ ଗୁଡ଼ିକ ପୁରଣ କରାଯାଇନାହିଁ । ଗୋଟିଏ ଗୋଟିଏ ଗ୍ରାମ୍ୟବ୍ୟାଙ୍କରେ ମାତ୍ର ଜଣେ ଅଫିସର ରହି ସମସ୍ତ କାର୍ଯ୍ୟ ତୁଲାଉଛନ୍ତି । ଏପରିକି ବ୍ୟାଙ୍କ ନିୟମ ଅନୁଯାୟୀ ଲକର ବା ଗୁରୁତ୍ୱପୂର୍ଣ୍ଣ ଦଲିଲ୍‌ରେ ଦୁଇଜଣଙ୍କ ଦସ୍ତଖତ ରହିଥିବା ବ୍ୟବସ୍ଥା ଥିଲେ ମଧ୍ୟ ଜଣେ ଅଫିସର ଦସ୍ତଖତ କରୁଛନ୍ତ । ମିତ୍ର କମିଟି ତାଙ୍କର ରିପୋର୍ଟ ଦେଇସାରିଥିଲେ ମଧ୍ୟ ମିତ୍ର କମିଟି ରିପୋର୍ଟ ଅନୁଯାୟୀ ଖାଲିସ୍ଥାନ ଗୁଡ଼ିକ ପୂରଣ କରାଯାଉନାହିଁ ଏବଂ କର୍ମଚାରୀଙ୍କ ସର୍ଭିସ୍ କଣ୍ଡିସନ ନିଶ୍ଚିତ କରାଯାଇନାହିଁ । ଏଣୁ କେନ୍ଦ୍ର ସରକାର ଏ ସଂପର୍କରେ ତୁରନ୍ତ ହସ୍ତକ୍ଷେପ କରି ଖାଲିସ୍ଥାନ ଗୁଡ଼ିକ ପୂରଣ କରିବା ସୁରକ୍ଷିତ ଚାକିରୀ ସର୍ତାବଳୀ ଓ ପଦୋନ୍ନତି ନିୟମ ଜାରି ନକଲେ ଗ୍ରାମୀଣ ବ୍ୟାଙ୍କ ଅଫିସର ଓ କର୍ମଚାରୀମାନେ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ଗତ ତା. ୧୩/୦୭/୨୦୨୪ ରିଖ ରେ ଗ୍ରାମୀଣ ବ୍ୟାଙ୍କ ଅଫିସରସ୍ କଂଗ୍ରେସ ଓ ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ କଂଗ୍ରେସର ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray